## ଆଉ ରହିବନି ପାନୀୟ ଜଳ ସମସ୍ୟା

# ପାଇପ୍ ଯୋଗେ ମିଳୁଛି ବିଶୁଦ୍ଧ ପାଣି

**ବଲାଙ୍ଗିର, ୧୦।୧(ସମିସ)**

ବଲାଙ୍ଗିର ଜିଲ୍ଲାରେ ଜଳସେଚନ ଭଳି ପାନୀୟ ଜଳର ମଧ ସମସ୍ୟା ରହିଥିଲା। ତେବେ ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ସଫଳ ପ୍ରୟାସ ଯୋଗୁ ଏବେ ଗାଁ ଗାଁରେ ପାଇପରେ ବିଶୁଦ୍ଧ ପାଣି ମିଳୁଛି। ଜିଲ୍ଲାରେ ଉତ୍କଟ ଜଳ ସମସ୍ୟା ଥିବା ସାତୋଟି ବ୍ଲକ ଓ ଗୋଟିଏ ପୌରାଞ୍ଚଳରେ ବସୁଧା ଯୋଜନାରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଏହାଦ୍ୱାରା ଉକ୍ତ ବ୍ଲକମାନଙ୍କରେ ଥିବା ପାନୀୟ ଜଳକଷ୍ଟ ଲାଘବ ହେବାକୁ ବସିଛି। ଏହି ସବୁ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗିର ଗସ୍ତରେ ଆସି ଉଦ୍‌ଘାଟନ କରିଥିବା ବେଳେ ଆଉ ତିନୋଟି ବଡ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପ୍ରତି ଗ୍ରୀଷ୍ମରେ ବଲାଙ୍ଗିର ଜିଲ୍ଲାରେ ଦେଖା ଦେଉଥିବା ପାନୀୟ ଜଳ ସମସ୍ୟାର ବର୍ତ୍ତମାନ ସମାଧାନ ହେବା ସହ ଲୋକେ ଆଉ ଜଳକଷ୍ଟ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇବେ ନାହିଁ।

ଗତ ତିନି ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାରେ ୨୧ଟି ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏଥିରେ ସାତୋଟି ବ୍ଲକ ଓ ଟିଟିଲାଗଡ଼ ପୌରାଞ୍ଚଳର ପାନୀୟ ଜଳ ପ୍ରକଳ୍ପ ଗୁଡିକ ରହିଛି। ସୂଚନା ଅନୁସାରେ ଜିଲ୍ଲାର ସବୁଠାରୁ ପାନୀୟ ଜଳ ସମସ୍ୟା ଉତ୍କଟ ଥିବା ଅଞ୍ଚଳ ହେଉଛି ଟିଟିଲାଗଡ଼। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରାୟ ୨୪ କୋଟି ୬୦ ଲକ୍ଷ ଟଙ୍କାରେ ଅମୃତ ଓ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ଉଦଘାଟନ ହୋଇଛି। ସେହିପରି ଦେଓଗାଁ ବ୍ଲକର ଛତାପିପଲର ୯୫ ଲକ୍ଷ ଟଙ୍କା ଓ ପିଲାଡିମହୁଲ ଗାଁର ୮୦ ଲକ୍ଷ ଟଙ୍କାରେ

### ସାତ ବ୍ଲକ ଓ ଗୋଟିଏ ସହର ପାଇଁ ୨୧ ପ୍ରକଳ୍ପ

### ଅମୃତ, ବସୁଧା ଓ ଜେଜେଏମ୍ ଯୋଜନାରେ ୬୭ ଲକ୍ଷ ଟଙ୍କା ଖର୍ଚ୍ଚ

ପାଇପ ଜଳ ଯୋଗାଣ ଉଦଘାଟନ କରିଥିଲେ। ଆଗଲପୁର ବ୍ଲକ ଡୁଡୁକା ଗ୍ରାମବାସୀଙ୍କ ପାଇଁ ୩ କୋଟି ୧୨ ଲକ୍ଷ ଟଙ୍କା, ଲୋଇସିଂହା ବ୍ଲକ ବିରକେଲ, ମାହାରପାଲି, ସାନଝାଙ୍କରପାଲି, ବଞ୍ଜାରୀ, ପିପିଲି, ବାଦିବାହାଲ, ସରଗାଡ, ବିଆଁରପାଲି ଗାଁରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ୧୨ କୋଟି ୪୯ ଲକ୍ଷ ଟଙ୍କାରେ ସରକାର ପାଇପ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିଛନ୍ତି। ସେହିପରି ବେଲପଡ଼ା ବ୍ଲକର ଗମ୍ଭାରୀ ଓ ରଡବାହାଲ ଗାଁରେ ୩ କୋଟି ୫୯ ଲକ୍ଷ ଟଙ୍କା ବ୍ୟୟରେ ପାଇପ ଯୋଗେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ଟିଟିଲାଗଡ଼ ବ୍ଲକ କୁରସୁଡ ଓ ଛତାଭଟା ଗାଁରେ ୪ କୋଟି ୬୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ପାଇପ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବା ବେଳେ



ପାଟଣାଗଡ଼ର ବଗଲାବନ୍ଧ ଗାଁରେ ୧କୋଟି ୬୯ ଲକ୍ଷ ଟଙ୍କା ବ୍ୟୟରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ଉଦଘାଟନ ହୋଇଛି। ଅନ୍ୟପକ୍ଷରେ ଖପ୍ରାଖୋଲ ବ୍ଲକର ସୁନାମୁଦି, ମାଲପଡ଼ା, ପିଙ୍ଗଲମୁଣ୍ଡା, ସରେଇବାହାଲ ଗାଁରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ୫ କୋଟି ୫୧ ଲକ୍ଷ ଟଙ୍କା ବ୍ୟୟରେ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିଲେ। ଏହି ସବୁ ପ୍ରକଳ୍ପ ରାଜ୍ୟ ଗ୍ରାମୀଣ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ବସୁଧା ଓ ଜେଜେଏମ୍ ଯୋଜନାରେ ନିର୍ମାଣ କରାଯାଇଥିବା ବେଳେ ଏହି ପ୍ରକଳ୍ପ ଦ୍ୱାରା ଏବେ ଗ୍ରାମବାସୀ ବିଶୁଦ୍ଧ ପାନୀୟଜଳ ପାଇପାରୁଛନ୍ତି। ସେହିପରି ସଇଁନ୍ତଳା ବ୍ଲକର ୨୦ ପଞ୍ଚାୟତର ୧୧୬ ଗ୍ରାମର ପାନୀୟଜଳ ସମସ୍ୟାର ସମାଧାନ ପାଇଁ ପ୍ରାୟ ୪ଶହ କୋଟି ଟଙ୍କା ଖର୍ଚ୍ଚରେ ଦୁଇଟି ମେଗା ପ୍ରକଳ୍ପ ଓ ବେଲପଡ଼ା ବ୍ଲକର ବେଲପଡ଼ା ଗାଁ ପାଇଁ ଏକ ଗ୍ରାମୀଣ ପାନୀୟଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ଶୀଘ୍ର କାମ ଆରମ୍ଭ ହୋଇ ସମୟସୀମା ଭିତରେ ସରିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଏହି ସବୁ ପ୍ରକଳ୍ପ ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ କରାଯିବ ବୋଲି ଜଣାପଡ଼ିଛି। ଏହି ସବୁ ପ୍ରକଳ୍ପ ହେବା ଦ୍ୱାରା ଜିଲ୍ଲାରେ ପାନୀୟ ଜଳ ସମସ୍ୟା ଦୂରୀକରଣ ଦିଗରେ ଏହା ବିଶେଷ ଭାବେ ସହାୟକ ହୋଇଥିବା ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

# ‘୫-ଟି’ ଅଧ୍ୟକ୍ଷଙ୍କ ବଲାଙ୍ଗିର ଗସ୍ତ ଆଜି

## ବଲାଙ୍ଗିର, କଣ୍ଟାବାଞ୍ଜି ଓ ସଇଁନ୍ତଲା କାର୍ଯ୍ୟକ୍ରମରେ ଯୋଗଦେବେ

**ବଲାଙ୍ଗିର, ୧୦।୧(ସମିସ):** ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁବାର ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସୁଛନ୍ତି। ଶ୍ରୀ ପାଣ୍ଡିଆନଙ୍କ ଏହି ଦିନିକିଆ ଗସ୍ତରେ ଜିଲ୍ଲାର ତିନୋଟି ସ୍ଥାନରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ସେ ବଲାଙ୍ଗିରରେ ଛାତ୍ରଛାତ୍ରୀମାନଙ୍କୁ ‘ନୂଆ-ଓ’ ଫେଷ୍ଟ କାର୍ଯ୍ୟକ୍ରମରେ ଦିଗଦର୍ଶନ ଦେବେ ବୋଲି ଜଣାପଡ଼ିଛି। ସେହିପରି ସଇଁନ୍ତଲା ଓ କଣ୍ଟାବାଞ୍ଜିରେ ଆୟୋଜିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ଉଦବୋଧନ ଦେବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୂଚନା ଅନୁସାରେ ସେ ସକାଳୁ ବଲାଙ୍ଗିର ପହଞ୍ଚି ଗାନ୍ଧୀନଗର ଷ୍ଟାଡିୟମଠାରେ ଆୟୋଜିତ ‘ନୂଆ-ଓ’ ଫେଷ୍ଟ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ କଲେଜରୁ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ପାଣ୍ଡିଆନ ଛାତ୍ରଛାତ୍ରୀମାନଙ୍କୁ ସଫଳତାର ମନ୍ତ୍ର ବତାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଦିଗଦର୍ଶନ ଦେବେ।



ବଲାଙ୍ଗିରରେ କାର୍ଯ୍ୟକ୍ରମ ସରିବା ପରେ ସେ କଣ୍ଟାବାଞ୍ଜି ଅଭିମୁଖେ ଗସ୍ତ କରି ସେଠାରେ ଏକ ସାଧାରଣ ସଭାରେ ଉଦବୋଧନ ଦେବା ସହ ଲୋକଙ୍କ ଅଭିଯୋଗ ଗ୍ରହଣ କରିବେ। ଏହା ସହିତ ତାଙ୍କର ପୂର୍ବ ଗସ୍ତରେ ସେ ଦେଇଥିବା ପ୍ରତିଶ୍ରୁତି ପୂରଣର ମଧ ମତାମତ ନେବାର କାର୍ଯ୍ୟକ୍ରମ ରହିଛି। କଣ୍ଟାବାଞ୍ଜିର କାର୍ଯ୍ୟକ୍ରମ ସରିବା ପରେ ଶ୍ରୀ ପାଣ୍ଡିୟାନ ସଇଁନ୍ତଲାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ସ୍ଥାନରେ ମଧ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବେ ବୋଲି ଜଣାପଡ଼ିଛି।



୫-ଟି ରୂପାନ୍ତରଣରେ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପର୍ଯ୍ୟଟନର ଉନ୍ନତି ହୋଇପାରିଥିବା ବେଳେ ଏହି ସବୁ ଉନ୍ନତିର ମଙ୍ଗ ଧରିଥିବା ଶ୍ରୀ ପାଣ୍ଡିଆନଙ୍କୁ ଦେଖିବା ଓ ତାଙ୍କ ଉଦବୋଧନ ଶୁଣିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଭିଡକୁ ନଜରରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ମଧ ଗ୍ରହଣ କରାଯାଇଛି।

## ■ ଖଲଖଲି ଗ୍ରାମ ଦାଦନ ଶ୍ରମିକ ମୃତ୍ୟୁ ଘଟଣା

# ତଦନ୍ତ ପରିବର୍ତ୍ତେ ହାତବାନ୍ଧି ବସିଛି ଶ୍ରମ ବିଭାଗ ଓ ପୁଲିସ

**ବେଲପଡ଼ା, ୧୦।୧(ସମିସ):** ବେଲପଡ଼ା ବ୍ଲକ ଖଲଖଲି ଗାଁର ଦାଦନ ଶ୍ରମିକ କ୍ଷୀର ମାଝୀଙ୍କ ମୃତ୍ୟୁ ପରେ ବି ପରିବାର ଲୋକଙ୍କୁ ନ୍ୟାୟ ମିଳିପାରିନାହିଁ। ଏବେବି ପରିବାର ସଦସ୍ୟ ଇଟାଭାଟିରେ ଅଟକ ରହିଥିଲେ ହେଁ ଶ୍ରମ ବିଭାଗ ଓ ସ୍ଥାନୀୟ ପୁଲିସର ନିରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।ଅନ୍ୟପଟେ ଦାଦନ ସର୍ଦ୍ଦାର ମଧୁ ନାଏକ ଦାଦନ କ୍ଷୀରର ମୃତ୍ୟୁ ପରେ ବି ତା’ର ପରିବାର ଲୋକଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହେଉଛି। କ୍ଷୀରଙ୍କ ଶୁଦ୍ଧିକ୍ରିୟା ପରେ ପୁଣି ଦାଦନ ଖଟିବାକୁ ଯିବାକୁ ପରିବାରର ଅନ୍ୟ ସଦସ୍ୟଙ୍କୁ ଧମକଚମକ ମିଳୁଛି। ମା’ ପୂର୍ଣ୍ଣମୀ ରୋଜଗାରିଆ ପୁଅକୁ ହରାଇ ବାହୁନି ବାହୁନି କାନ୍ଦୁଛି। ମିଳିଥିବା ସୂଚନା ଅନୁସାରେ ତ୍ରେବିପାଳି ଗାଁର ମଧୁ ନାଏକ ମୁଣ୍ଡ ପିଛା ୩୦ ହଜାର ଟଙ୍କା ବଇନା ଦେଇ ଖଲଖଲି ଗାଁର ପୂର୍ଣ୍ଣମୀ ମାଝୀଙ୍କ ସହ ପୁଅ କ୍ଷୀର ଏବଂ ପରିବାରର ୧୨ ଜଣଙ୍କୁ ବେଆଇନ ଭାବେ ଇଟାଭାଟିରେ କାମ କରାଇବାକୁ କଟକ ଅଞ୍ଚଳକୁ ନେଇଥିଲା।

# ସଇଁତଲା ବ୍ଲକରେ ପୁଣି ପିଡିଏସ୍ ଦୁର୍ନୀତି

**ସଇଁତଲା, ୧୦।୧(ସମିସ):** ଗୋଟିଏ ପଞ୍ଚାୟତରେ ପିଡ଼ିଏସ୍ ଦୁର୍ନୀତିର ପରଦା ହଟି ନ ଥିବା ବେଳେ ସଇଁତଲା ବ୍ଲକର ଅନ୍ୟ ଏକ ପଞ୍ଚାୟତରେ ମଧ ସମାନ ଢାଞ୍ଚାରେ ପିଡ଼ିଏସ ଚାଉଳ ହଡ଼ପ ହୋଇଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। ସଇଁତଲା ବ୍ଲକ ଝିକିଡୁଙ୍ଗୁରି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗୋଟିଏ ମାସର ପିଡ଼ିଏସ ଚାଉଳ ହଡ଼ପ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ଗାଁର ଶତାଧିକ ହିତାଧିକାରୀ ଡିସେମ୍ବର ମାସର ଚାଉଳ ପାଇନାହାନ୍ତି। ନୂଆଁଖାଇ ଆଗରୁ ଆଗୁଆ ଆସିଥିବା ଚାଉଳକୁ ହଡ଼ପ କରାଯାଇ ହିତାଧିକାରୀଙ୍କ ଖାଉଟି କାର୍ଡରେ ମିଛରେ ଏଣ୍ଟ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ହିତାଧିକାରୀମାନେ ପ୍ରଶାସନକୁ ଅନେକ ଥର ଅଭିଯୋଗ କରିଥିଲେ ମଧ କେହି କର୍ଣ୍ଣପାତ କରିନାହାଁନ୍ତି। ଏହି ହେରଫେର ସମ୍ପର୍କରେ ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ହେବା ପରେ ଗୋଟିଏ ମାସର ଚାଉଳ ବଣ୍ଟନ କରାଯାଇଛି। ଅନ୍ୟପଟେ ଭଦ୍ରା ପଞ୍ଚାୟତରେ ପିଡ଼ିଏସ ଘୋଟାଲା ହୋଇଥିବା ନେଇ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇ ଚାଉଳ ହଡ଼ପରେ ସଂଶ୍ଳିଷ୍ଟ ଥିବା ଭଦ୍ରା ପଞ୍ଚାୟତର ପୂର୍ବତନ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟପ୍ରିୟ ସାହୁ ଓ ଯୋଗାଣ ସହାୟକ ସତ୍ୟ ଛତ୍ରିଆଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଛି। ଅଭିଯୋଗକୁ ଭିତ୍ତିକରି ପୁଲିସ ସତ୍ୟପ୍ରିୟ ସାହୁଙ୍କୁ ଗିରଫ କରିଥିବା ବେଳେ ଯୋଗାଣ ସହାୟକ ସତ୍ୟ ଛତ୍ରିଆ ଫେରାର ଅଛନ୍ତି। ହେଲେ ହଡ଼ପ ପିଡିଏସ ଚାଉଳ ଆଜି ପର୍ଯ୍ୟନ୍ତ ହିତାଧିକାରୀ ପାଇଁ ନାହାନ୍ତି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ କୁମାର ଭୋଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଝିକିଡୁଙ୍ଗୁରି ପଞ୍ଚାୟତରେ ହୋଇଥିବା ପିଡିଏସ ଚାଉଳ ଦୁର୍ନିତିର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଭଦ୍ରା ପରେ ଏବେ ଝିକିଡୁଙ୍ଗୁରି ପଞ୍ଚାୟତ

## ଶ୍ରେଣୀଗୃହ ନିର୍ମାଣ ଦାବି

# ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ରାସ୍ତାରୋକ

**ପାଟଣାଗଡ଼, ୧୦।୧(ସମିସ):** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଏନ୍‌ଏସିସ୍ଥିତ ବ୍ରହ୍ମପୁରା ସରକାରୀ ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ଶ୍ରେଣୀଗୃହ ପୁରୁଣା ହେବାରୁ ଦୀର୍ଘଦିନ ହେଲା ବିପଦଶଙ୍କୁଳ ଅବସ୍ଥାରେ ରହିଛି। ସୂଚନା ଅନୁସାରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ କିଛି ଦିନ ତଳେ ପୁରୁଣା ଘର ଭଙ୍ଗା ଯାଇଥିଲା। ହେଲେ ଠିକାଦାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ନୂତନ ଶ୍ରେଣୀ ଗୃହ ନିର୍ମାଣ ହୋଇ ପାରିନାହିଁ। ଛାତ୍ରଛାତ୍ରୀମାନେ ଦୁଇଟି ଶ୍ରେଣୀ ଗୃହରେ ପାଠ ପଢୁଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏହାର ପ୍ରତିବାଦରେ ବୁଧବାର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ନୂତନ ଶ୍ରେଣୀଗୃହ ନିର୍ମାଣ ଦାବିରେ ସ୍କୁଲ ସମ୍ମୁଖ ରାସ୍ତାରେ ଧାରଣା ଦେଇଥିଲେ। ଖବର ପାଇ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳକୁ ଆସି ଧାରଣାରତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ବୁଝାସୁଝା କରାଇ ଦୁଇ ମାସ ମଧ୍ୟରେ ଶ୍ରେଣୀଗୃହ ନିର୍ମାଣ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରେ ସେମାନେ ଧାରଣାରୁ ଉଠିଥିଲେ।



## ବୁଲୁଛି ଅର୍ପଣ ରଥ

# ‘ଜୟ ଜଗନ୍ନାଥ’ ଧ୍ୱନିରେ କମ୍ପୁଛି ଗାଁ ଦାଣ୍ଡ

**ବଲାଙ୍ଗୀର, ୧୦।୧(ସମିସ):** ଗାଁଠୁ ସହର ସବୁଠି ଭକ୍ତିମୟ ପରିବେଶ। ‘ଜୟ ଜଗନ୍ନାଥ’ ଧ୍ୱନିରେ କମ୍ପୁଛି ଗାଁ ଓ ସହରର ମୁଖ୍ୟରାସ୍ତା ଆଉ ଗଳିକନ୍ଦି। ସବୁଠି ହରିବୋଲ ଓ ହୁଳହୁଳି ମଧ୍ୟରେ ଶ୍ରୀଜଗନ୍ନାଥ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ ସହ ପାଛୋଟି ନେଉଛନ୍ତି ଭକ୍ତମାନେ। ଘର ଘର ବୁଲୁଥିବା ଅର୍ପଣ ରଥରେ ଲୋକେ ଚାଉଳ ଓ ଗୁଆ ଅର୍ପଣ କରୁଛନ୍ତି ଯାହାକି ପୁରୀକୁ ପଠାଯିବ ଓ ମହାପ୍ରଭୁଙ୍କ ସେବାରେ ଲାଗି ହେବ। ସକାଳୁ ଭଜନ, ସଂକୀର୍ତ୍ତନ, ହୁଳହୁଳି ସହ ହରିବୋଲ ଆଉ ଜୟ ଜଗନ୍ନାଥ ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ମହିଳା ଓ ପୁରୁଷମାନେ ପୂର୍ଣ୍ଣ କଳସ ନେଇ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ନେତା, ନିର୍ବାଚିତ ପ୍ରତିନିଧି, ଶ୍ରଦ୍ଧାଳୁ ଏକାଠି ହେଉଛନ୍ତି। ରଙ୍ଗବେରଙ୍ଗ ଝୋଟିରେ ପରିବେଶ ସୁନ୍ଦରମୟ ପାଲଟିଛି। ଲୋଇସିଂହା ବ୍ଲକ ଭାଲିଆମୁଣ୍ଡାରେ ଅର୍ପଣ ରଥକୁ ନିହାର ରଞ୍ଜନ ବେହେରା ଓ ଅର୍କେଶ ନାରାୟଣ ସିଂହଦେଓ ସ୍ୱାଗତ କରିବା ସହ ଚାଉଳ ଏବଂ ଗୁଆ ସଂଗ୍ରହ କରିଛନ୍ତି। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ଲିଲିମା ବେହେରା, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ଅର୍ପଣ ରଥ ବରପୁଡଗିଆ, ମାୟବର୍ହା, ଝାଙ୍କରପାଲି, କୁଟୁମଡୋଳା, ଖଲିଆପାଲି, ଖୁଜେନପାଲି, ସିକାଛିଡା ଆଦି ପଞ୍ଚାୟତର ୨୩ ଗାଁ ବୁଲିବା ସହ ଅର୍ପଣ ଗ୍ରହଣ କରିଛି। ଏହି ଅର୍ପଣକୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିମନ୍ତେ ପୁରୀ ପଠାଯିବ।



## ଲାନ୍ଥ ନଦୀ କୂଳରୁ ଉଦ୍ଧାର ଯୁବତୀଙ୍କ ମୃତ୍ୟୁ ଘଟଣା

# ଏସପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକେ

**ବଲାଙ୍ଗିର, ୧୦।୧(ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଅର୍ନ୍ତଗତ ତୁଷ୍ଟାପାଲି ଗାଁର ନାବାଳିକା ନଳିନୀ ଛତ୍ରିଆ ମୃତ୍ୟୁକୁ ନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ଲାନ୍ଥ ନଦୀକୂଳରୁ ମୂର୍ମୁଷୁ ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣୁଥିବାବେଳେ ତାଙ୍କର ମୃତ୍ୟୁ ହେବା ଘଟଣା ସ୍ୱାଭାବିକ ନୁହେଁ ବଂର ଦୁର୍ଷ୍କମ ଓ ହତ୍ୟା ବୋଲି ଅଭିଯୋଗ କରିଛନ୍ତି ପରିବାର ଲୋକ। ନ୍ୟାୟ ପାଇଁ ବୁଧବାର ପରିବାର ଲୋକେ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ତୁଷ୍ଟାପାଲିର ତପନ ବୁଡେକ, ଛଣ୍ଣଡା ଗାଁର ଯୁବରାଜ ମହାକୁର ଓ ପାଟଣାଗଡ଼ର ଟିକୁ ଥପା ଦୁର୍ଷ୍କମ କରି ତାକୁ ମାରି ଦେଇଥିବା କହିଛନ୍ତି। ନଦୀକୂଳରୁ ନଳିନୀଙ୍କୁ ଉଲଗ୍ନ ଅବସ୍ଥାରେ ଉଦ୍ଧାର କରାଯାଇଥିବାବେଳେ ତାଙ୍କର ପାଟିରୁ ଫେଣ ବାହାରୁଥିଲା। ପୁଣି ଏହି ଘଟଣା ଘଟିବାର ସପ୍ତାହେ ପୂର୍ବରୁ ନଳିନୀର ମା’ ତାଠାରୁ ଏକ ମୋବାଇଲ ଛଡାଇ ନେଇଥିଲେ। କିନ୍ତୁ ନଳିନୀ ମୋବାଇଲରେ ଲାଗିଥିବା ସିମକୁ ଲୁଚାଇ ରଖିଥିଲା ବୋଲି କୁହାଯାଉଛି। ଏ ସମ୍ପର୍କରେ ଟିଟିଲାଗଡ଼ ଏସଡିପିଓ ଅଙ୍କିତା କୁମ୍ଭାରଙ୍କୁ ପଚାରିବାରୁ ସମସ୍ତ ଦିଗକୁ ଆଧାର କରି ପୁଲିସ ତାର ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିବାର ୫ ଦିନ ବିତିଥିଲେ ସୁଦ୍ଧା ପୁଲିସ ସେହି ଯୁବକମାନଙ୍କୁ ଧରୁନାହିଁ। ଯାହାକୁ ନେଇ ନଳିନୀର ବାପା ମହାଦେବ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶ ଯେ ଗତ ୨ ତାରିଖ ଦିନ ଲାନ୍ଥ ତୁଷ୍ଟାପାଲି ଗାଁ ଲାନ୍ଥ ନଦୀ କୂଳରେ ନଳିନୀ ପଡ଼ି ଛଟପଟ ହେଉଥିବା ନେଇ ପରିବାର ଲୋକ ତାଙ୍କୁ ମୂର୍ମୁଷୁ ଅବସ୍ଥାରେ ପ୍ରଥମେ ସଇଁତଲା ଡାକ୍ତରଖାନା ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ବେଳେ ଅଧାବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

### ସନ୍ଦେହ ଘେରରେ ନଳିନୀଙ୍କ ମୃତ୍ୟୁ



# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ବଲାଙ୍ଗିର, ୧୦।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଧଣ୍ଡାମାଳ ଗ୍ରାପର ସତ୍ୟବାଦୀ ହାଇସ୍କୁଲର ଚତୁର୍ଥ ଶ୍ରେଣୀ କର୍ମଚାରୀ ରାଜକୁମର ଭୋଇଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଯୋଷୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଦେଓଗାଁ ବ୍ଲକର ପୂର୍ବତନ ବିଆରସିସି ଶ୍ୟାମସୁନ୍ଦର ଦାଶ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହରିଶ୍ଚନ୍ଦ୍ର ଦାଶ, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ କୁମାର ସାହୁ, ପ୍ରତିଷ୍ଠାତା ସମ୍ପାଦକ ଆର୍ତ୍ତବନ୍ଧୁ ମିଶ୍ର, ପୂର୍ବତନ ସଭାପତି ସତ୍ୟବାଦୀ ମହାକୁର ଓ କବିଦାସ ମଲ୍ଲିକ ଯୋଗ ଦେଇଥିଲେ। ଶିକ୍ଷକ ରାଧେଶ୍ୟାମ ପଧାନ ଅତିଥି ପରିଚୟ ପ୍ରଦାନ ସହ ସଂଯୋଜନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କସ୍ତୁରୀ ଚରଣ ରାଉତ, ଡମନ ପୋଢ, ଚନ୍ଦ୍ରମଣି ଭାଟି, ପରିଚାଳନା କମିଟି ସଭ୍ୟ କାର୍ତ୍ତିକ ପଧାନ, ଲମ୍ବୋଦର ନାଏକ, କିରାଣୀ ଚିତ୍ତରଞ୍ଜନ ମିଶ୍ର, ଅବସରପ୍ରାପ୍ତ ପୂର୍ବତନ କର୍ମଚାରୀ ନାରାୟଣ ଷାଣ୍ଡ, ଜଗନ୍ନାଥ ପଧାନ, କବିରାଜ ଭୋଇ, ସଦାନନ୍ଦ ବାଗ ତଥା ଉପସ୍ଥିତ ସମସ୍ତ ଅତିଥି ଅବସରପ୍ରାପ୍ତ କର୍ମଚାରୀଙ୍କ କର୍ତ୍ତବ୍ୟପରାୟଣତା ଓ ଛାତ୍ରବତ୍ସଳତା ଉପରେ ଆଲୋକପାତ କରିଥିଲେ। ରାଜକୁମରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ରାଜକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧାପନ୍ତରିଆ କୁସପାଲି ରାସ୍ତା; ଗ୍ରାମବାସୀ ହୀନସ୍ତା



**ତୁରେକେଲା, ୧୦।୧(ସମିସ)**

ବଲାଙ୍ଗୀର ଜିଲ୍ଲା ଉପାନ୍ତ ବ୍ଲକ ତୁରେକେଲାର ହଲନଭଟା ପଞ୍ଚାୟତ ଅନ୍ତର୍ଗତ କୁସପାଲି ଗ୍ରାମ ରାସ୍ତା ଅଧାପନ୍ତରିଆ ହୋଇ ପଡ଼ିଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ମହୁଲପାଟିରୁ କୁସପାଲି ଭାୟା ଗୁହୁରିଆପଡ଼ା ରାସ୍ତା ଗତ କିଛି ବର୍ଷ ତଳେ ନିର୍ମାଣ ହୋଇଥିଲା। ହେଲେ କାମ କରୁଥିବା ଠିକାଦାର ଜଣଙ୍କ ଅଧାରେ କାମ ଛାଡିଦେଲା। ଯାହାଫଳରେ ଗାଁକୁ ପକ୍କା ରାସ୍ତା ପହଞ୍ଚି ପାରିଲା ନାହିଁ। ସେଥିପାଇଁ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି। ଗାଁ ଲୋକଙ୍କ କହିବା ଅନୁସାରେ ଏହି ରାସ୍ତା ପାଇଁ ଗାଁ ଲୋକେ ଅନେକ ସମୟରେ ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଜଣାଇବା ସହ ଅନେକ ନେତା ମନ୍ତ୍ରୀଙ୍କୁ ମଧ ଜଣାଇଛନ୍ତି। ରାସ୍ତା ଦୂରାବସ୍ଥା ଯୋଗୁ ସ୍ୱାସ୍ଥ୍ୟସେବା ବ୍ୟାହତ ହେଉଛି। ଅଧାପନ୍ତରିଆ ରାସ୍ତାକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି।

### ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

## ସେମାନେ ଯାହା କୁହନ୍ତି....



ଯେତେବେଳ ନିର୍ବାଚନ ପାଇଁ ପ୍ରଚାରରେ ଯାଇଥିଲୁ ସେତେବେଳ ଏହି ରାସ୍ତା ନିର୍ମାଣ କରିବାକୁ ଗାଁ ଲୋକେ ଦାବି କରିଥିଲେ। ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ଉକ୍ତ ରାସ୍ତା ନିର୍ମାଣ ଦିଗରେ ବ୍ଲକ ପ୍ରଶାସନର ଅନେକ ଥର ଦୃଷ୍ଟି ଆକର୍ଷଣ କରିଛି। କିନ୍ତୁ କାହିଁକି ଏହି ରାସ୍ତା ନିର୍ମାଣ ହୋଇ ପାରୁନାହିଁ ତାହା ସମସ୍ତଙ୍କୁ ଚକିତ କରୁଛି। ଏହି ରାସ୍ତା ନିର୍ମାଣ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଅନୁରୋଧ କରୁଛି।

**ରଶ୍ମିତା ଦାସ, ସରପଞ୍ଚ**



ମୁଁ ନିଜେ ଏହି ଗାଁର ବାସିନ୍ଦା। ରାସ୍ତା ଦୂରାବସ୍ଥା ଯୋଗୁ ଅନେକ ଅସୁବିଧା ମଧ୍ୟରେ ଗାଁ ଲୋକେ ଯାତାୟତ କରନ୍ତି। ଅନେକ ଥର ପଞ୍ଚାୟତ ସମିତି ବୈଠକରେ ଏହି ରାସ୍ତା ନିର୍ମାଣ ପ୍ରସଙ୍ଗ ଉପସ୍ଥାପନ କରିଛି। ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି। ଅଧିକାରୀମାନେ ପ୍ରତିଶୃତି ଦେଇ ଜନସାଧାରଣ ଦାବି ଭୁଲି ଯାଉଛନ୍ତି।

**ଧନମତୀ ଖୁରା, ଉପାଧକ୍ଷା; ତୁରେକେଲା ବ୍ଲକ**



ଗ୍ରାମବାସୀ ସବୁବେଳେ ନେତା ଓ ଅଧିକାରୀଙ୍କୁ ରାସ୍ତା ନିର୍ମାଣ ପାଇଁ ଜଣାଉଛୁ। ହେଲେ ଆମ ଦାବି ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଚଳିତ ବର୍ଷ ରାଜ୍ୟ ସରକାର ତୁରେକେଲା ବ୍ଲକର ଅନେକ ବିଚ୍ଛିନ୍ନ ଗାଁକୁ ପକ୍କା ରାସ୍ତା ସଂଯୋଗ କରିବାକୁ ଅନୁଦାନ ଦେଇଛନ୍ତି। ଏହି ଉପାନ୍ତ ଗ୍ରାମ ରାସ୍ତା ତୁରନ୍ତ ସମ୍ପୂର୍ଣ ହେଲେ ଗ୍ରାମବାସୀ ଉପକୃତ ହୁଅନ୍ତେ।

**ବନମାଳି ଖୁରା, ସମାଜସେବୀ**



ଏହି ସମସ୍ୟା ଆମ ନଜରକୁ ଆସିଛି। ପ୍ରାୟ ୧କିମି ରାସ୍ତା କଚ୍ଚା ଅଛି। ଗାଁ ଲୋକଙ୍କ ଅଭିଯୋଗ ପରେ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କ ସହ ଯାଇ ରାସ୍ତା ଅବସ୍ଥା ମୁଁ ଦେଖିଛି। ଏନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ବ୍ଲକ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରଦାନ କରିଛି। ଅନୁଦାନ ମଞ୍ଜୁର ହେଲେ ରାସ୍ତା ନିର୍ମାଣ କାମ କରାଯିବ।

**ପ୍ରଦୀପ ଦାସ, କନିଷ୍ଠ ଯନ୍ତ୍ରୀ; ଗ୍ରାମ ଉନ୍ନୟନ ବିଭାଗ**

## ଗ୍ରାମସାଥୀ ଚୟନରେ ଅନିୟମିତତା

# ବିଡିଓଙ୍କ ଦ୍ୱାରସ୍ଥ ଗ୍ରାମବାସୀ

**ତୁରେକେଲା, ୧୦।୧(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଉପାନ୍ତ ଘୁନେଶ ପଞ୍ଚାୟତରେ ଗ୍ରାମସାଥି ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଘୁନେଶ ପଞ୍ଚାୟତର ଖୁଜେନ ଗାଁରେ ପୂର୍ବରୁ ଜଣେ ଗ୍ରାମସାଥି କାର୍ଯ୍ୟ କରୁଥିବା ବେଳେ ଆଉ ଜଣେ ଗ୍ରାମସାଥିଙ୍କ ଆବଶ୍ୟକ ଥିଲା। ସରପଞ୍ଚ ଗାଁରେ ଶ୍ରମିକଙ୍କୁ ନେଇ କୌଣସି ବୈଠକ କିମ୍ବା ପଲ୍ଲୀସଭା ନ କରାଇ ଖୁଜେନ ଗାଁର ଗୀତାଞ୍ଜଳି ବାଗଙ୍କୁ ଗ୍ରାମସାଥି ଭାବେ ଚୟନ କରିଛନ୍ତି। ଏହାକୁ ବିରୋଧ କରି ତୁରେକେଲା ବିଡ଼ିଓ ଶଙ୍କର୍ଷଣ ବେହେରାଙ୍କୁ ଗାଁ ଲୋକେ ଲିଖିତ ଅଭିଯୋଗ କରିଛନ୍ତି। ଏପରିକି ଗ୍ରାମସାଥୀଙ୍କ କାର୍ଯ୍ୟ ଆଇଡି ବନ୍ଦ କରି ପୁଣି ଥରେ ଶ୍ରମିକଙ୍କ ମଧ୍ୟରେ ବୈଠକ କରି ଗ୍ରାମସାଥି ଚୟନ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଘୁନେଶ ସରପଞ୍ଚଙ୍କୁ ପଚାରିବାରୁ ସେ ଆମେ କିଛି କରିନାହୁଁ, ଗ୍ରାମ ସଭା ଓ ପଲ୍ଲୀ ସଭାକୁ ଜଣାଇ ଗ୍ରାମସାଥି ଚୟନ କରାଯାଇଛି ବୋଲି କହିବା ସହ ରାଜନୈତିକ ଆକ୍ରୋଶ ରଖି ଏପରି ଅଭିଯୋଗ କରୁଛନ୍ତି ବୋଲି ସେ କହିଛନ୍ତି। ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ ସମୟରେ ୱାର୍ଡମେମ୍ବର ଦ୍ରୋଣ କୁମାର, ଦିଲୀପ ଭୋଇ, ନକୁଳ ନାଗ, ସୁଶିଳା ନାଗ, ମତୀରାମ ତାଣ୍ଡି, ଦୀନବନ୍ଧୁ ମଲ୍ଲିକ, କକିଲ ନାଗ, ମକୁନ୍ଦ କୁରେଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

## ୩୨ତମ ସର୍ବଭାରତୀୟ ୱାଇଏମସି ଫାଇନାଲ

# ଖୋର୍ଦ୍ଧାକୁ ହରାଇ ଫରେଷ୍ଟ ଭିଲାଇ ଦଳ ଚାମ୍ପିଅନ

**ନୂଆପଡ଼ା, ୧୦।୧(ସମିସ):** ସ୍ଥାନୀୟ ମିନିଷ୍ଟାଡିୟମରେ ଚାଲିଥିବା ୩୨ତମ ସର୍ବଭାରତୀୟ ଓ୍ୱାଇଏମସି କପ କ୍ରିକେଟର ବୁଧବାର ଦିନ ଫାଇନାଲ ଖେଳରେ ରାଇଜିଂ ଷ୍ଟାର ଖୋର୍ଦ୍ଧା ଦଳକୁ ହରାଇ ଫରେଷ୍ଟ ଭିଲାଇ ଦଳ ଟୁର୍ଣ୍ଣାମେଣ୍ଟ ଚାମ୍ପିଅନ ହୋଇଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ଓଲିଉଡ ଷ୍ଟାରଙ୍କ ସହ ଦର୍ଶକ ମାନେ ନାଚି ଝୁମିଥିଲେ। ପୂର୍ବାହ୍ନରେ ଭିଲାଇ ଦଳ ଟସ ଜିଣି ବୋଲିଂ କରିବାକୁ ବାଛି ନେଇଥିଲେ। ତେବେ ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରି ୨୮.୪ଓଭରରେ ୨୦୭ ରନ କରିଥିଲେ। ଦଳ ପକ୍ଷରୁ ସର୍ବାଧିକ ଅଙ୍କିତ ଯାଦବ ୬୧ବଲରୁ ୬୫ରନ କରିଥିବାବେଳେ ଭିଲାଇ ଦଳ ପକ୍ଷରୁ ମନୋଜ ସିଂ ଏବଂ ବ୍ରଜେଶ ଠାକୁର ୩ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ଭିଲାଇ ଦଳ ମାତ୍ର ୫ୱିକେଟ ବିନିମୟରେ ନିର୍ଦ୍ଧାରିତ ୨୦୮ ରନ କରି ବିଜୟ ହାସଲ କରିଥିଲେ। ଭିଲାଇ ଦଳ ପକ୍ଷରୁ ସର୍ବାଧିକ ମନୋଜ ସିଂ ୪୭ବଲରୁ ୮୧ରନ କରିଥିବାବେଳେ ପ୍ରତୀକ ଯାଦବ ୪୪ବଲରୁ ୫୩ରନ, ରିଶି ଶର୍ମା ୩୦ବଲରୁ ୩୬ରନ ସଂଗ୍ରହ କରି ଦଳକୁ ମଜବୁତ ସ୍ଥିତିକୁ ନେଇଥିଲେ। ଖୋର୍ଦ୍ଧା ଦଳ ତରଫରୁ ମଳୟ କୁମାର ଜେନା ୨ ୱିକେଟ, ଅଙ୍କିତ, ଲଗ୍ନଜିତ ଏବଂ ସୁନୀଲ କୁମାର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଫାଇନାଲ ଖେଳ ଆରମ୍ଭରେ ନୂଆପଡ଼ା ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ବିଜେଡି ରାଜ୍ୟ ସମ୍ପାଦକ ରାଜେଶ କୁମାର ନିଗମ, ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୁଏ ଅତିଥିଭାବେ ଯୋଗ ଦେଇଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ନୂଆପଡ଼ା ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ନୂଆପଡ଼ା ନଗର ଅଧ୍ୟକ୍ଷ ମହମ୍ମଦ ଆଦମ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଉତ୍ସବର ମୂଖ୍ୟ ଆକର୍ଷଣ ଥିଲେ ଓଲିଉଡ ଷ୍ଟାର ଶୀତଳ ପାତ୍ର। ସଂଧ୍ୟାର କାର୍ଯ୍ୟକ୍ରମରେ ଷ୍ଟାର ଶୀତଳଙ୍କ ନୃତ୍ୟର ତାଳେ ତାଳେ ସମସ୍ତ ଦର୍ଶକ, ଖେଳାଳୀମାନେ ନାଚି ଝୁମିଥିଲେ। ଏହି ଅବସରରେ ଚାମ୍ପିଅନ ଭିଲାଇ ଦଳକୁ ୮୦ହଜାର ଟଙ୍କା ସହ ଟ୍ରଫି, ରନର୍ସ ଅପ ଦଳକୁ ୫୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଏବଂ ସିରିଜ ଭାବରେ ମନୋଜ ସିଂଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ଚୂଡାମଣୀ ପାଢ଼ୀ, ନାରାୟଣ ମେହେର ଖେଳ ପରିଚାଳନା କରିଥିବାବେଳେ ଶୈଳେଶ ସତପଥୀ, ଆୟୁଷ୍ମାନ ଗୁପ୍ତା ସ୍କୋରିଂ କରିଥିବାବେଳେ ସିମାନଳଚ ମହାପାତ୍ର, ପୁନିତ ରାଉତ, ଜୟକିଷାନ ସୁନାନୀ, ମୁକେଶ ସହିସ ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆବାହକ ସରୋଜ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ପ୍ରକାଶ ସାହୁ ମଞ୍ଚ ପରିଚାଳନା କରିଥିଲେ। ପରିଚାଳନାରେ କ୍ଲବର ସଭାପତି ଅମରେଶ କୁମାର ଦାସ, ସମ୍ପାଦକ ପିଣ୍ଟୁ ବଗର୍ତି, ସଞ୍ଜୟ କୁମାର ପଟ୍ଟନାୟକ, ଦୁଲୁ ସୁପକାର, ଜାନୁ ମିଶ୍ର, ଜାବେଦ ଖାନ, ଟିପୁ, ଜିତୁ, ରାଜା, କାହ୍ନା, ବାଲେଙ୍କ ସମେତ ସମସ୍ତ ଖେଳାଳୀମାନେ ସହଯୋଗୀ କରିଥିଲେ।




# ଭାବଭକ୍ତିର ଅଦ୍ଭୂତ ବାତାବରଣ; ଗୁଆ ଓ ଅରୁଆ ଚାଉଳର ସମର୍ପଣ





**ଭବାନୀପାଟଣା, ୧୦।୧ (ସମିସ)**

ପୁରୀ ଶ୍ରୀକ୍ଷେତ୍ର ଧାମର ପ୍ରରିକ୍ରମା ପ୍ରକଳ୍ପର ଲୋକାର୍ପଣ ନେଇ ଆଜି ଭବାନୀପାଟଣା ପୌରାଞ୍ଚଳରେ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ପୌରାଞ୍ଚଳର ୨୦ଟି ୱାର୍ଡରେ ଦୁଇଦିନ ଏହି ଅର୍ପଣ ରଥ ପରିକ୍ରମା କରି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବ। ସେହି ପବିତ୍ର କାର୍ଯ୍ୟ ସ୍ଥଳ ଉଦ୍ଦେଷ୍ୟରେ ଶ୍ରଦ୍ଧାଳୁ ମାନେ ସକାଳୁ କାର୍ଯ୍ୟରେ ସାମିଲ ହୋଇଥିଲେ।ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯିବା ପରେ ୫ଟି ରଥ ସହରର ବିଭିନ୍ନ ୱାର୍ଡ ଅଭିମୂଖେ ଯାତ୍ରା ଆରମ୍ଭ କରିଥିଲା। ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା ଓ ପୌର ନିର୍ବାହୀ ଅଧିକାରୀ ଡ. ସତ୍ୟ ସମ୍ପର୍ଣ୍ଣା ରାଉତ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ଅର୍ପଣ ରଥକୁ ଭାବ ଭକ୍ତିର ସହିତ ସ୍ୱାଗତ ପାଇଁ କଳାହାଣ୍ଡି ରାଜ୍ୟ ସଭା ସାଂସଦ ସୁଜିତ୍ କୁମାର, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ସମେତ ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଦୁଇ ଉପଖଣ୍ଡ ସଂଯୋଜକ ବଦ୍ରି ନାରାୟଣ ପଟ୍ଟନାୟକ, ଆଦିତ୍ୟ ନନ୍ଦ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଅନାମ ନାଏକ, ପୂର୍ବତନ ପୌରାଧ୍ୟକ୍ଷା ଲଳିତା ନାଏକ, କାଦିର୍ ଖାନ, ସାମନ୍ତ ଖମାରୀ, ଉଦିୟ ସୁନାନୀ, ଜିତେନ୍ଦ୍ର ମହାନ୍ତି, ଧର୍ମେନ୍ଦ୍ର ନାୟକ, ଭବାନୀ ମିଶ୍ର, ପିତବାସ ବେହେରା, ଅଶେଶ୍ୱର ବାଗ, ଚକ୍ର ସେଠୀ, ମଣ୍ଟୁ ନାଏକ, ସେନାପତି ନାଏକ, ମଧୁସୂଦନ ନାଗ, ସମିତା ମହାପାତ୍ର, ଶର୍ମିଷ୍ଠା ନାୟକ, ବିଷ୍ଣୁ ପ୍ରଧାନ, ପ୍ରଶାନ୍ତ ଠାକୁର, ଅମିତ ଯାଦବ, ଗଂଯୁକ୍ତା ପ୍ରଧାନ, ସୁତପା ନାୟକ ବହିଦାର୍ ପ୍ରମୁଖ ଉପସ୍ଥିତ ଥିଲେ। ଜଗନ୍ନାଥ ମନ୍ଦିର ସେବାୟତ ରୂପେ ଧବଳେଶ୍ୱର ମହାପାତ୍ର କାର୍ଯ୍ୟକ୍ରମକୁ ସୁଚାରରୂପେ ସମ୍ପର୍ଣ୍ଣ କରିଥିଲେ।

**ନୂଆପଡ଼ା :** ନୂଆପଡ଼ା ଜିଲ୍ଲା ବ୍ୟାପି ଅର୍ପଣ ରଥକୁ ଗାଁ ଗଣ୍ଡାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ଏହି କ୍ରମରେ ଓଡ଼ିଶା ଛତିଶଗଡ଼ ସୀମାନ୍ତ ଗାଁ ମାନଙ୍କରେ ମଧ ସ୍ୱାଗତ କରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଅକ୍ଷତ ଚାଉଳ ସହ ଗୁଆ ଅର୍ପଣ କରୁଥିବା ଦେଖାଯାଉଛି। ବୁଧବାର ଦିନ ଛତିଶଗଡ଼ ସୀମାନ୍ତରେ ଥିବା ଭାଲେଶ୍ୱର ପଞ୍ଚାୟତରେ ସରପଞ୍ଚ ସରୋଜ ଦେବୀ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅର୍ପଣ ରଥ ପରିଭ୍ରମଣରେ ବାହାରିଥିଲା। ଏହା ଭାଲେଶ୍ୱର ଗାଁ ସହ ଆମୋଦି, ସରେଇପାଲି, ଟମକି ଦାଦର ଗାଁ ବୁଲିଥିଲେ। ରଥକୁ ଏସବୁ ଗାଁ ମାନଙ୍କରେ ଖୋଲ, କୀର୍ତନ ସହ ବିଭିନ୍ନ ବାଜା, ହୁଳହୁଳି ଦେଇ ପୁରୁଷ ମହିଳା ମାନେ ସ୍ୱାଗତ କରିଥିଲେ। ପ୍ରତି ଦାଣ୍ଡ ସମ୍ମୁଖରେ ରଥକୁ ବନ୍ଦା ପନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୈଳେନ୍ଦ୍ର ମାଝୀ, ଗ୍ରାମ ରୋଜଗାର ସେବକ ଧର୍ମ ଧ୍ୱଜ ଶବର, ସ୍ୱୟଂ ସହାୟକ ଦଳର ମହିଳା ମାନେ ସହଯୋଗିତା କରିଥିଲେ।

**ଗଣ୍ଡାବାହାଲି/ ସିନାପାଲି :** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ନୂଆମାଲପଡ଼ା ଗ୍ରାମ ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ଶୁଭାରମ୍ଭ ହୋଇଯାଇଛି। ପ୍ରଥମେ ଅଖରାଭଟା ଠାରେ ରଥ ପୂଜାର୍ଚ୍ଚନା କରି ରଥ ପରିକ୍ରମା ର ଶୁଭାରମ୍ଭ କରିଥିଲେ। ଏହି ପଞ୍ଚାୟତ ସଦର ଗ୍ରାମ ସମେତ ପୋର୍ଟିପଡ଼ା, ଅଖରାଭଟା, ଖନ୍ଦାପଡ଼ା, ଦବଡା, ଡଙ୍ଗରଗାଁ ରେ ଏହି ରଥ ବୁଲିବୁଲି ପ୍ରତ୍ୟେକ ଘରୁ ଗୁଆ ସିନ୍ଦୁର, ଚାଉଳ ସଂଗ୍ରହ କରାଯାଉଛି। ଗାଁ ଗାଁର ପ୍ରତ୍ୟେକ ଘର ସମ୍ମୁଖ ରେ କଳସ ସ୍ଥାପନ ପରେ ପରିବାର ସଦସ୍ୟ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା କରି ପବିତ୍ର ପୂଜାର୍ଚ୍ଚନା କଲାପରେ ଚାଉଳ ଗୁଆ ସିନ୍ଦୁର ଅର୍ପଣ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ସରଧାପୁର ସଂକିର୍ତ୍ତନ ଦଳ ସହାୟତାରେ ରଥ ପ୍ରତ୍ୟେକ ଗାଁର ଘରଘର ବୁଲି ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ନୂଆମାଲପଡ଼ା ସରପଞ୍ଚ ବନିତା ପୋଡ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଢକନ ଚଲାନ, ଜିଆରଏସ ଅମୁଲ୍ୟ ତାଣ୍ଡି, ସମିତିସଭ୍ୟ ଟୋପଚନ ମାଝି, ସମାଜସେବୀ ଗଣେଶ ପୋଡ, ଉଜ୍ୱଳ ମାଝି, କ୍ଷିରସିଂ ମାଝି, ଅଙ୍ଗନବାଡି କର୍ମୀ ବେଲମତି ମାଝି, ରିତା ମାଝି, ସୁମିତ୍ରା ମାଝି, ଏମବିକେ ସଂଗିତା ପୋଡ, ସିଆରପି, ଏସଏଚଜି ମହିଳା, ବୁଦ୍ଧି ଜୀବି ଓ ଶହଶହ ସଂଖ୍ୟା ରେ ଗ୍ରାମବାସୀ ଉପସ୍ଥିତ ଥିଲେ।





**ଜୁନାଗଡ଼:** ଜୁନାଗଡ଼ ସହରର ଡଙ୍ଗାଘାଟପଡ଼ା ଜଗନ୍ନାଥ ମନ୍ଦିରରୁ ଅର୍ପଣ ରଥ ବାହାରି ସହରର ବିଭିନ୍ନ ପଡ଼ା ବୁଲିଥିବା ବେଳେ ଶ୍ରଦ୍ଧାଳୁମାନେ ଅରୁଆ ଚାଉଳ ଓ ଗୁଆ ସମର୍ପଣ କରିଛନ୍ତି। ଏହି ରଥକୁ ଜୁନାଗଡ଼ ବାସୀ ଭବ୍ୟ ସ୍ୱାଗତ କରିବା ସହିତ ଫୁଲ ଚନ୍ଦନ ଦେଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରି ଶତାଧିକ ମହିଳା ପୁରୁଷ ଖୋଳ, କୀର୍ତ୍ତନ ଧରି ଭଜନ ଗାଇ ଶୋଭାଯାତ୍ରାରେ ବାହାରିଛନ୍ତି। ଯାହା କୁ ନେଇ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଏହି ରଥ ସହିତ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମଧ ସଂକୀର୍ତ୍ତନ ଦଳ ସହିତ ମିଶି ନାଚି ନାଚି ପଡ଼ା ପଡ଼ା ବୁଲି ଆଧ୍ୟାତ୍ମିକ ସଚେତନତାର ବାର୍ତା ଦେଉଛନ୍ତି। ଏହି କାର୍ଯ୍ୟକ୍ରମରେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ ଓ ଏନ୍ ଏ ସି ଇ ଓ ପ୍ରେମଲାଲ ହିଁଆଲ, ଉପାଧ୍ୟକ୍ଷା ହିଁମାଦ୍ରୀ ନାଏକ, ପୂର୍ବତନ ନଗର୍ ପାଲ୍ ମହେଶ୍ ସାହୁ, ନୋଡାଲ ଅଫିସର ଅରୁଣ ବେହେରା, ଦୂର୍ଗା ନାଏକ, ଡଙ୍ଗକ୍ଷ ଘାଟ ପଡ଼ା ମନ୍ଦିର କମିଟିର ପୂଜକ ରଜନୀ ଧାଙ୍ଗଡାମାଝି, ଭକ୍ତି ସଙ୍କର ବାଗ, ପୂର୍ବତନ ଅଧ୍ୟକ୍ଷକ୍ଷ ବିଜୟଲକ୍ଷ୍ମୀ କନ୍ଦପାନ, ୱାର୍ଡ ପାରିଷଦ ସାମିଲ ହୋଇଥିଲେ।




# ନୂଆପଡ଼ା ଜିଲ୍ଲାରେ ଆରମ୍ଭ ହେଲା ପକ୍ଷୀଗଣନା

ନୂଆପଡ଼ା, ୧୦।୧(ସମିସ)



ନୂଆପଡା ଜିଲ୍ଲାର ମୋଟ ଭୂଭାଗର ତିନି ଚତୁର୍ଥାଂଶ ବନାଞ୍ଚଳରେ ପରିବେଷ୍ଟିତ ରହିଥିବାବେଳେ ଏଠାରେ ବନ୍ୟପ୍ରାଣୀ ତଥା ପକ୍ଷୀଙ୍କ ଚାରଚର ପ୍ରକୃତି ପ୍ରେମୀଙ୍କୁ ବେଶ ଆକର୍ଷଣ କରାଏ। ଦିନକୁ ଦିନ ଏଠାରେ ଏମାନଙ୍କ ସଂଖ୍ୟାରେ ବୃଦ୍ଧି ଘଟୁଥିବାଦେଖିବାକୁ ମିଳୁଛି। ତେବେ କିଛି ଦିନ ତଳେ ଏଠାରେ ବାଘ ଗଣନା ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ କରିଛି ବନ୍ୟ ପ୍ରାଣୀ ବିଭାଗ। ନୂଆପଡା ଜିଲ୍ଲା ଖଡ଼ିଆଳ ବନଖଣ୍ଡ ଓ ସୁନାବେଡା ବନ୍ୟଜନ୍ତୁ ବିଭାଗ ପକ୍ଷରୁ ଦିନିକିଆ ପକ୍ଷୀଗଣନା ୨୦୨୪ ଆରମ୍ଭ ହୋଇଛି। ପ୍ରଥମେ ବନବିଭାଗ କର୍ମଚାରୀମାନଙ୍କୁ ପକ୍ଷୀଗଣନା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଅଭିଜ୍ଞ ଅଧିକାରୀମାନେ ସର୍ଭେରେ ନିୟୋଜିତ କର୍ମଚାରୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଆଉ ଆଜି ଭୋର ସକାଳୁ ଖଡ଼ିଆଳ ବନଖଣ୍ଡର ୩୩ଟି ୟୁନିଟରେ ବନ କର୍ମଚାରୀମାନେ ନିୟୋଜିତ ହୋଇ ତିଖାଲି ଜଳଭଣ୍ଡାର, ସୁନ୍ଦର ଜଳଭଣ୍ଡାର,ବାଦୀ ଜଳଭଣ୍ଡାର, ତାରନପୁର ଓ ରାଣିମୁଣ୍ଡା ଜଳଭଣ୍ଡାର, ବାବେବିର ଓ ପେଣ୍ଡରାବନ୍ଧ ଜଳଭଣ୍ଡାରରେ ପକ୍ଷୀଗଣନା କାର୍ଯ୍ୟ ଆରମ୍ଭ କରିଛନ୍ତି। ସେହିଭଳି ସୁନାବେଡା ଅଭୟାରଣ୍ୟ ବନ୍ୟଜନ୍ତୁ ବିଭାଗର ୩ଟି ୟୁନିଟରେ ବନକର୍ମଚାରୀମାନେ ନିୟୋଜିତ ହୋଇ ପତୋରା ଜଳଭଣ୍ଡାର, ରଇତାଳ ସାଗର ଓ ଜଲକିସାଗର ଜଳଭଣ୍ଡାରକୁ ଯାଇ ପକ୍ଷୀଗଣନା ଆରମ୍ଭ କରିଛନ୍ତି।

**● ୨୫ପ୍ରଜାତିର ପକ୍ଷୀ ଆସିଥିବା ସୂଚନା**

ଆଜି ଆୟୋଜିତ ପକ୍ଷୀଗଣନା କାର୍ଯ୍ୟକ୍ରମରେ ୫୫ଟି ଫରେଷ୍ଟ ବିଟ୍‌ର ୫୫ଜଣରୁ ଅଧିକ ବନ କର୍ମଚାରୀ ନିୟୋଜିତ ହୋଇଥିଲେ। ଚଳିତବର୍ଷ ୨୫ ପ୍ରଜାତିର ପକ୍ଷୀଙ୍କ ସମେତ ବହୁସଂଖ୍ୟାରେ ବିଦେଶୀ ପକ୍ଷୀ ଆସିଥିବା ଅନୁମାନ କରାଯାଉଛି। ଗତବର୍ଷ ତୁଳନାରେ ଏବର୍ଷ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି ବୋଲି ଖଡ଼ିଆଳ ବନବିଭାଗ ରେଞ୍ଜର ସଂସ୍କୃତି ବଡ଼ନାୟକ କହିଛନ୍ତି।

## ଧର୍ମଗଡ଼ ବ୍ଲକ୍ ନନ୍ଦଗାଁ ପଞ୍ଚାୟତରେ ଅର୍ପଣ ରଥ



**ଧର୍ମଗଡ଼, ୧୦।୧ (ସମିସ):** ଆସନ୍ତା ୧୭ ତାରିଖରେ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ଆଜି ଧର୍ମଗଡ଼ ବ୍ଲକ ନନ୍ଦଗାଁ ଗ୍ରାମ ପଞ୍ଚାୟତର ମାଲପଡ଼ା ଗ୍ରାମରେ ଅର୍ପଣ ରଥର ଶୁଭାରମ୍ଭ କରାଯାଇଛି। ଧର୍ମଗଡ଼ ବିଧାୟକ ମୌସୁଧି ବାଗ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ରଥର ଶୁଭାରମ୍ଭ କରିଥିଲେ। ଘରୁ ଘରୁ ଚାଉଳ, ନଡ଼ିଆ, ଗୁଆ ଇତ୍ୟାଦି ସଂଗ୍ରହ କରି ଲୋକାର୍ପଣ ଉତ୍ସବ ସମୟରେ ଅର୍ପଣ କରାଯିବ। ଭଜନ କୀର୍ତ୍ତନ ସହ ମହିଳାଙ୍କ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସାରା ପରିବେଶ ଭକ୍ତିମୟ ହୋଇଯାଇଥିଲା। ମହିଳାମାନେ ଅର୍ପଣ ରଥକୁ ବନ୍ଦାପନା କରିବା ସହ ଘରୁ ଘରୁ ଆଣିଥିବା ଚାଉଳ, ନଡ଼ିଆ, ଗୁଆ ଇତ୍ୟାଦି ରଥରେ ଅର୍ପଣ କରିଥିଲେ। ଏହି ଅବସରରେ ଧର୍ମଗଡ଼ ବ୍ଲକ ଜିଲ୍ଲା ପରିଷଦ ଜୋନ୍ ନଂ ୩ ପ୍ରଭାବ ପ୍ରକାଶ ସାହୁ ଓ ନନ୍ଦ ଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚ, ସମାଜସେବୀ ଭବାନୀ ବଣିଆ, ଏବଂ ୱାର୍ଡ ସଭ୍ୟ ସଭ୍ୟା ନିର୍ବାହୀ ଅଧିକାରୀ, ଯୋଗାଣ ସହାୟକ, ଗ୍ରାମ ରୋଜଗାର ସେବକ ଏବଂ ଜନ ସାଧାରଣ ସହ ମିଶନ ଶକ୍ତି ମା' ମାନେ ଉପସ୍ଥିତ ଥିଲେ।

## ଅର୍ପଣ ରଥକୁ ଭବ୍ୟ ସ୍ୱାଗତ



**କେସିଙ୍ଗା, ୧୦।୧ (ସମିସ):** ପ୍ରତ୍ୟେକ ଓଡ଼ିଆ ପରିବାରରୁ ଅକ୍ଷତ ଚାଉଳ ଓ ଗୁଆ ସଂଗ୍ରହ ହୋଇ ଯିବ ନୀଳାଚଳ ଧାମ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ପାଇଁ । ଏଥି ନିମନ୍ତେ ବାହାରିଛି ସାରା ଓଡ଼ିଶା ରେ ଅର୍ପଣ ରଥ। ବୁଧବାର କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କନ୍ତେସିର ଗ୍ରାମ ପଞ୍ଚାୟତ ପହଞ୍ଚି ଥିଲା ଅର୍ପଣ ରଥ। ରଥକୁ ସ୍ୱାଗତ କରିବା ପାଇଁ କନ୍ତେସିର ଶିବମନ୍ଦିର ପରିସରରେ ଜମିଥିଲା ଭକ୍ତଙ୍କ ଭିଡ଼। ହରିବୋଲ ହୁଳହୁଳି କୀର୍ତ୍ତନ କରି ସରପଞ୍ଚ ମମତା ନାଏକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଶିକ୍କାଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟା ରେ ଭକ୍ତ ଗାଁକୁ ଅଗ୍ରସର ହୋଇଥିଲେ। ଗାଁର ପ୍ରତ୍ୟେକ ଘରେ ଅର୍ପଣ ରଥକୁ ପୂଜାର୍ଚ୍ଚନା କରାଯାଇ ଅକ୍ଷତ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା।

## ରାସ୍ତା ପ୍ରଶସ୍ତିକରଣ ପାଇଁ ଜିଲ୍ଲାପାଳଙ୍କୁ ଦାବି

**କୋମନା, ୧୦।୧ (ସମିସ):** କୋମନା ସଦର ମହକୁମାରୁ ଭେଲା ଚାରିଲେନ୍ ବିଶିଷ୍ଟ ରାସ୍ତାକୁ ସଂଯୋଗୀକରଣ ପାଇଁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟ ସଂପାଦନା ହେଉଛି। ଉକ୍ତ କାମକୁ କୋମନା ଜିରୋ ପଏଂଟ ଏନଏଚରୁ କାମ କରିବା ପାଇଁ ଆଦେଶ ହୋଇଥିବା ବେଳେ କୋମନା ସୁନ୍ଦରୀ ବ୍ରିଜ ପର୍ଯ୍ୟନ୍ତ କାମ ଅଦ୍ୟାବଧି ଶେଷ ହୋଇ ସାରିଛି । ବ୍ରିଜ ଠାରୁ ଜିରୋ ପଏଂଟ କୋମନା ଏନ.ଏଚକୁ ଗୋଟିଏ କିଲୋମିଟର ପ୍ରଶସ୍ତିକରଣ କାମ ଏଯାଏଁ ହେଉନଥିବାରୁ କୋମନାର ସଚେତନ ନାଗରିକ ପୁଣିଥରେ ସୋମବାର ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରର ଦ୍ୱାରସ୍ଥ ହୋଇଛନ୍ତି । ଅପରପକ୍ଷେ, କୋମନା ସୁନ୍ଦରୀ ନଦୀର ବ୍ରିଜ ଠାରୁ ଏନ. ଏଚ ୩୫୩ ରାସ୍ତା ପର୍ଯ୍ୟନ୍ତ କିଛି ମୁଷ୍ଟିମେୟ ବ୍ୟକ୍ତି ରହି ଆସୁଥିବାରୁ କାମ ଆଗେଇ ପାରୁନଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ଜିଲ୍ଲାପାଳଙ୍କୁ ସଚେତନ ନାଗରିକ ମଧ୍ୟରେ ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ରଜନା ସରପଞ୍ଚ କ୍ଷୀରସିନ୍ଧୁ ଭୋଇ, ପୂର୍ବତନ ସରପଞ୍ଚ ଈଶ୍ୱର ସାହୁ, ଭୁବନେଶ୍ୱର ନାଏକ ସମେତ ବହୁ ଲୋକ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବନବିହାର କାର୍ଯ୍ୟକ୍ରମ

**ନର୍ଲା, ୧୦।୧(ସମିସ):** ଦହଲ ଗ୍ରାମସ୍ଥିତ ସ୍ୱର୍ଗତ ଡ. ସାଧୁରାମ ଅଗ୍ରଓ୍ୱାଲଙ୍କ ବଗିଚାରେ ନର୍ଲା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବନ ବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗରେ କାର୍ଯ୍ୟ ତୁଲାଇ ଅବସର ଗ୍ରହଣ କରିଥିବା ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସଭାପତି ବଦ୍ରି ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ



ମଞ୍ଚରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦାନ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ସଂପାଦକ କଲ୍ୟାଣ କୁମାର ସାହୁ,କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସଂପାଦକ ବିବରଣୀ ପଠନ କରିଥିଲେ ଓ କୋଷାଧ୍ୟକ୍ଷ ହିସାବ ପ୍ରଦାନ କରିଥିଲେ। ବୟୋଜ୍ୟେଷ୍ଠ ସଦସ୍ୟ ବିନୋଦ ବିହାରୀ ପଧାନ ଓ କଳାକାର ଲକ୍ଷ୍ମଣ ଗୌଡଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ପରେ ସଂଘର ଐକ୍ୟତା, ଦାୟିତ୍ୱବୋଧ, ସେବା, ସମର୍ପଣ ଓ ସ୍ଥାୟିତ୍ୱ ଉପରେ ଗଭୀର ଆଲୋଚନା ହୋଇଥିଲା। ମୁଖ୍ୟଅତିଥି ଶ୍ରୀ ସିଂଦେଓ ସଂଘର ଦୀର୍ଘ ଆୟୁ କାମନା କରିବା ସହ ସଂଘର ଗୃହ ନିର୍ମାଣ ନିମିତ୍ତ ସରକାରୀ ଆର୍ଥିକ ସହଯୋଗ କରିବା ପାଇଁ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୂତନ ଭାବେ ପ୍ରାଥମିକ ସଦସ୍ୟ ଭାବେ ସଂଘରେ ଯୋଗଦାନ କରିଥିବା ୨୭ ଜଣ କର୍ମଚାରୀଙ୍କୁ ସଂଘ ତରଫରୁ ସ୍ୱାଗତ କରାଯାଇଥିଲା ।ଶତାଧିକ ସଦସ୍ୟ ଏହି ବନ ବିହାର କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## ରିଷିଡ଼ା ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

**କର୍ଲାମୁଣ୍ଡା, ୧୦।୧ (ସମିସ) :** ଛାତ୍ରଛାତ୍ରୀ ମାନେ ଚରିତ୍ରବାନ, ସଂସ୍କାରିତ,ଓ ଦେଶପ୍ରେମୀ ହେବାସହିତ ଜଣେଭଲମଣିଷ ହେବା ର ସ୍ୱପ୍ନନେଇ ଅଧ୍ୟୟନ କରିବା ଉଚିତ ବୋଲି ରିଷିଡା ସରସ୍ୱତୀ ଶିଶୁମନ୍ଦିର ବାର୍ଷିକଉତ୍ସବ ରେ ଯୋଗ ଦେଇଥିବା ଅତିଥିମାନେ ମାତବ୍ୟକ୍ତ କରିଥିଲେ। ପରିଚାଳନା ସମିତି ସଭାପତି ନୈମି ଚାନ୍ଦ ଜୈନ (ମିନୁ)ଙ୍କ ସଭାପତିତ୍ୱରେ



ଆୟୋଜିତ ସଭାରେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ମୁଖ୍ୟଅତିଥି, ପୂର୍ବତନ ବିଧାୟକ ଧନେଶ୍ୱର ମାଝୀ ସମ୍ମାନିତ ଅତିଥି, କେସିଙ୍ଗା ସଂକୁଳପ୍ରମୁଖ ଅଧ୍ୟାପକ ମୋହନ ପଟେଲ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ପାଦକ ହୃଷିକେଶ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ପରୀକ୍ଷିତ ନାଗ ସଭାକାର୍ଯ୍ୟ ଓ ଆଚାର୍ଯ୍ୟ ବାସୁଦେବ ସେଲମା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ସଂଯୋଜକ କରିଥିବାବେଳେ ପ୍ରଧାନଆଚାର୍ଯ୍ୟ ମହେନ୍ଦ୍ର କୁମାର ବାରିକ ବିବରଣୀ ପାଠ କରିଥିଲେ। ସରସ୍ୱତୀ ଶିଶୁମନ୍ଦିର ପ୍ରକୋଷ୍ଠ ନିର୍ମାଣରେ ସହଯୋଗକରିଥିବା ବଦାନ୍ୟ ବ୍ୟକ୍ତିଙ୍କୁ ଶିଶୁମନ୍ଦିର ପକ୍ଷରୁ ଦିନଦୟାଲ କେଡ଼ିଆ, ଶିବଲାଲ କେଡ଼ିଆ, ଅମିତ ପ୍ରସାଦ, ମନୀଷକୁମାର ଜୈନ,ମୋନିକା ବାଇ ଜୈନ, ମନୀଷା ଜୈନ ଅଗ୍ରୱାଲଙ୍କୁ ସମ୍ମାନିତ କରିଥିଲେ। ସାଂସଦ ପଣ୍ଡା ଅତିରିକ୍ତ ଶ୍ରେଣୀଗୃହ ଉଦଘାଟନ ମଧ୍ୟ କରିଥିଲେ। ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା କଂସ ବଧ ଗୀତିନାଟ୍ୟ, ସମ୍ବଲପୁରୀନୃତ୍ୟ ଓ ଘୁମୁରା ନୃତ୍ୟରେ ମଞ୍ଚ ଦୁଲୁକି ଉଠିଥିଲା ।

## ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗର ମନମାନି; ଏନ୍‌ଏସି ରାସ୍ତା ବିପର୍ଯ୍ୟସ୍ତ

**ସାମ୍ବାଦିକ ମହାସଂଘ ପକ୍ଷରୁ ୫-ଟି ଅଧକ୍ଷ ଓ ମୁଖ୍ୟମନ୍ତ୍ରୀଙ୍କୁ ଚିଠି**



**କେସିଙ୍ଗା, ୧୦।୧(ସମିସ):** ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗର ମନମୁଖୀ କାର୍ଯ୍ୟ ଯୋଗୁ ସହରରେ ନଦୀରୁ ଟ୍ରିଟ ମେଣ୍ଟ ପ୍ଲାଣ୍ଟ ପାଇଁ ବିଛା ହେଉଥିବା ପାଇପ ପାଇଁ ଏନଏସି ୱାର୍ଡ ରାସ୍ତା ଉଜୁଡିଯାଉଛି। ୬ ନମ୍ବର ୱାର୍ଡ କଂକ୍ରିଟ ରାସ୍ତା କୁ ମଝିରେ ଖୋଳି ପାଇପ ବିଛା ହେଉଥିବାରୁ ରାସ୍ତା ଦୁର୍ବଳ ଓ ଉଜୁଡି ପଡୁଛି। ରାସ୍ତା କଡରେ ପାଇପ ନେବାର ସୁବିଧା ଥିଲେ ବି ନିଆ ଯାଉ ନାହିଁ। ପୁଣି ପାଇପ ପାଇଁ ୧ ମିଟର ଖୋଳା ହୋଇ ପାଇପ ଯିବା କଥା। କିନ୍ତୁ ବହୁ ସ୍ଥାନ ରେ ଏହା କରାଯାଉ ନାହିଁ। ଜେସିବି ଲଗାଇ ମଝି ରାସ୍ତାରେ ପାଇପ ନାଳି ଖୋଲିବା ଫଳରେ ରାସ୍ତା ଦୋହଲିଯାଇଛି। ପୂର୍ବରୁ ଏନ ଏ ସି ଦ୍ୱାରା ମେଟାଲ ଓ ଚିପସ ଦେଇ କଂକ୍ରିଟ ହୋଇଥିଲା। ଏବେ ତାକୁ ମରାମତି କରାଯିବାର ପ୍ରୟାସ କରାଯାଉଛି। ନାଳ ବନ୍ଦ ପାଇଁ ସ୍ୱତନ୍ତ୍ର ଏଷ୍ଟିମେଟ ରହିଛି। ହେଲେ କିଛି ଏଷ୍ଟିମେଟ ଲାଗୁ ନାହିଁ। ଏ ସମ୍ପର୍କରେ ବିଭାଗୀୟ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ଯୋଶୀଙ୍କୁ ପଚାରିବାରୁ ଖୋଳା ହୋଇଥିବା ରାସ୍ତା ମରାମତି ହେବ ବୋଲି କହିଥିଲେ। ଅପରପକ୍ଷେ ବିଭାଗର ନିରବଦ୍ରଷ୍ଟା ନେଇ କେସିଙ୍ଗା ସାମ୍ବାଦିକ ମହାସଙ୍ଘ ୫-ଟି ଅଧକ୍ଷ ଓ ମୁଖ୍ୟମନ୍ତ୍ରୀଙ୍କୁ ରାସ୍ତା ବିପର୍ଯ୍ୟସ୍ତ ନେଇ ଚିଠି ଲେଖି ତଦନ୍ତ ଦାବି କରିଛି।

## 'ନୂଆ-ଓ' କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

**ଭବାନୀପାଟଣା, ୧୦।୧(ସମିସ):** ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟଠାରେ ନୂଆ-ଓ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନ ତଥା ବିଶ୍ୱବିଦ୍ୟାଳୟର ପ୍ରତ୍ୟକ୍ଷ ପରିଚାଳନା ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସମେତ କଳାହାଣ୍ଡି ଜିଲ୍ଲାର ୭୨ଟି ମହାବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଦୁଇହଜାର ଦୁଇଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ନୃତ୍ୟ, ସଂଗୀତ, ଚିତ୍ରକଳା, ବକ୍ତୃତା ପ୍ରଭୃତି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଉଚ୍ଚ ମାନର ନୃତ୍ୟକଳା ଓ ବକ୍ତୃତା ଚାତୁରୀ ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ଆଠଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଆରମ୍ଭର ଅବ୍ୟବହିତ ପୂର୍ବରୁ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରତିଯୋଗୀ ମାନଙ୍କର ନାମ



ପଞ୍ଜୀକରଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ପ୍ରାରମ୍ଭିକ ସଭାରେ ବିଶ୍ୱ ବିଦ୍ୟାଳୟର କୁଳପତି ଓ କୁଳସଚିବ ଆମନ୍ତ୍ରିତ ବିଚାରକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଓ ପ୍ରତିଯୋଗୀମାନଙ୍କୁ ଦୃଢ ମନୋବଳ ନେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ପ୍ରତିଯୋଗୀ ଓ ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ପାଇଁ ଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କର ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥଲା।

## ଛାତ୍ରଛାତ୍ରୀଙ୍କୁ ସୋସିଆଲ ମିଡିଆ, ମୋବାଇଲ ବ୍ୟବହାର ଉପରେ ସଚେତନତା

**ନୂଆପଡା, ୧୦।୧(ସମିସ):** ନୂଆପଡା ଜିଲ୍ଲା ସଦର ବ୍ଲକ କୁଲିଆବନ୍ଧା ଗାଁରେ ସାମାଜିକ କର୍ମୀ ଶାଳିନୀ ସାକ୍ଷୀ ଆଜିକୁ ତିନି ସପ୍ତାହ ଧରି ଗ୍ରାମବାସୀଙ୍କ ପାଇଁ ଏକ ନୂତନ ଶକ୍ତି ଏବଂ ସକରାତ୍ମକତା ବିସ୍ତାର କରିଛନ୍ତି। ତାଙ୍କ ନେତୃତ୍ୱରେ ଗାଁରେ ଶିକ୍ଷା,



ପରିଷ୍କାର ପରିଚ୍ଛନ୍ନତା, ମାନସିକ ସ୍ୱାସ୍ଥ୍ୟ, ଜୀବନ ଶୈଳୀ ଏବଂ ସୋସିଆଲ ମିଡିଆ ମୋବାଇଲ୍ ବ୍ୟବହାର ଉପରେ ସଚେତନତା ସୃଷ୍ଟି କରୁଛି। ସୋସିଆଲ ମିଡିଆ ଏବଂ ମୋବାଇଲ ପ୍ରସଙ୍ଗରେ ଶାଳିନୀ ଗ୍ରାମବାସୀଙ୍କୁ ଅବଗତ କରାଇଛନ୍ତି। ଶିକ୍ଷା କ୍ଷେତ୍ରରେ ସକରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସେ ଗାଁ ପିଲାମାନଙ୍କୁ ଏକତ୍ରିତ କରି ସେମାନଙ୍କୁ ବିଦ୍ୟାଳୟ ଗୁଡିକରେ ନାମ ଲେଖାଇବାକୁ ଉତ୍ସାହିତ କରିଥିଲେ। ପରୀକ୍ଷା ଚାପରୁ ପିଲାମାନଙ୍କୁ ଆରାମ ଯୋଗାଇବା ପାଇଁ ଶିକ୍ଷା କ୍ଷେତ୍ରରେ ଏକ ନୂତନ ପଦକ୍ଷେପ ନିଆଯାଇଛି। ସେ ଖେଳ ଶିକ୍ଷକ କେୱାଲ ଚନ୍ଦ୍ରକରଙ୍କ ସହାୟତାରେ ସ୍ଥାନୀୟ ବିଦ୍ୟାଳୟର ବାଳିକା ହଷ୍ଟେଲ ପିଲାମାନଙ୍କ ପାଇଁ ସକାଳର ଖେଳ ଏବଂ ଧ୍ୟାନ ଅଧିବେଶନ ଆୟୋଜନ କରିଥିଲେ। ଯାହା ସେମାନଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥିଲା। ମୋବାଇଲ ଫୋନର ବ୍ୟବହାର ଏବଂ ଅପବ୍ୟବହାର ବିଷୟରେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ଆଣିଥିଲେ।

ଗାଁର ପୂର୍ବତନ ସରପଞ୍ଚ ତଥା ରାଜ୍ୟସ୍ତରରେ ବହୁ ବାର ସମ୍ବର୍ଦ୍ଧିତ ସମାଜସେବୀ ହିରାଲାଲ ପଟେଲ ଏବଂ ତାଙ୍କ ସହଯୋଗୀଙ୍କ ସମର୍ଥନ ଏସବୁ ସଫଳ ପଦକ୍ଷେପ ପାଇଁ ଶକ୍ତି ଏବଂ ଆତ୍ମବିଶ୍ୱାସ ପ୍ରଦାନ କରିଥିବା ବିହାରରୁ ଆସିଥିବା ସାମାଜିକ କର୍ମୀ ଶାଳିନୀ କହିଛନ୍ତି। ଶାଳିନି ପିରାମଲ ଫାଉଣ୍ଡେସନରେ ଗାନ୍ଧୀ ଫେଲୋସିପ ଭାବରେ ନୂଆପଡାସ୍ଥିତ ଶିକ୍ଷା ବିଭାଗ ସହିତ କାର୍ଯ୍ୟ କରି ଏକ ନୂତନ ଯାତ୍ରା ଆରମ୍ଭ କରିଛନ୍ତି। ତାଙ୍କର ସାମାଜିକ କାର୍ଯ୍ୟ ଗାଁକୁ ଏକ ନୂତନ ଦିଗ ଦେଖାଇଥିବା ଗ୍ରାମବାସୀ କହିଛନ୍ତି ।

## ସିଆରପିଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର

**ଗୋଲାମୁଣ୍ଡା,୧୦।୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ସରସ୍ୱତି ଶିଶୁ ମନ୍ଦିର ପ୍ରାଙ୍ଗଣରେ ଡି/୧୯ ସିଆରପିଏଫ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। କମାଣ୍ଡାଣ୍ଟ ମନୋଜ କୁମାରଙ୍କ ନିର୍ଦ୍ଦେଶରେ ସି. ଏମ.ଓ ୬୪ ବାଟାଲିୟନ ସଞ୍ଜୟ ରଜକ ଅଧ୍ୟକ୍ଷତାରେ କେଗାଁ ଥାନା ଏ.ଏସ.ଏଇ ମେଘନାଦ ହାଁସଦା କେଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ଅମୃତା ବଛା, ସିନାପାଲି ସରପଞ୍ଚ ନଉଁକେଶ୍ୱର ପଟେଲ, ନୂଆଗାଁ ସରପଞ୍ଚ ଦୁଷ୍ମନ୍ତ ଭୋଇ ଆଞ୍ଚଳିକ ବାସ୍ତରଣୀ ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ସାହୁ, ଡାକ୍ତର ଖୁସିରାମ ସୁନା, ନାଏବ ସରପଞ୍ଚ ସଂଯୁକ୍ତା ସିପକାଙ୍କ ଉପସ୍ଥିତିରେ କେଗାଁ, ସାନଚେରଗାଁ, ମାଲପଡା, ଦର୍ଲିପଡା ଓ ଗୁରୁଜିପଡାର ଶତାଧିକ ଗରିବ ନିହିର ଲୋକଙ୍କୁ ମାଗଣାରେ ରୋଷେଇ ଉପକରଣ ଓ କମଳ, କ୍ରୀଡ଼ାବିତଙ୍କ ପାଇଁ ଖେଳ ସାମଗ୍ରୀ ବିତରଣ କରାଯାଇଥିଲା। ଉକ୍ତ ଅବସରରେ ଶିକ୍ଷା ସମ୍ବନ୍ଧୀୟ ପ୍ରାମାଣିକ ଚିତ୍ର ପଦର୍ଶିତ ହେବା ସହିତ ଛାତ୍ରଛାତ୍ରୀଙ୍କ ଦ୍ୟୁରା ନୃତ୍ୟ ପରିବେଷଣ କରି ଘରେ ଥିବା ଛୋଟ ଛୋଟ ଛୁଆମାନଙ୍କୁ ନିୟମିତ ସ୍କୁଲକୁ ପାଠ ପଢାଇ ଶିକ୍ଷିତ କରିବାକୁ ସହକାରୀ କମାଣ୍ଡାଣ୍ଟ ଶ୍ରୀ ସିଂ ଉପସ୍ଥିତ ଲୋକଙ୍କୁ ଆହ୍ୱାନ ଦେବା ସହିତ ଲୋକଙ୍କୁ ଶିକ୍ଷା ସହିତ ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ମଧ ସିଆରପିଏଫର ଅଧିକାରୀମାନେ ଯତ୍ନବାନ ବୋଲି କହିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**କୋକସରା, ୧୦।୧(ସମିସ):** କୋକସରା ବ୍ଲକ ସଦର ମହାକୁମ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଠାରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଧର୍ମଗଡ଼ ଏସଡ଼ିପିଓ ଧୀରଜ ଚୋପଡା, କୋକସରା ଥାନା ଅଧିକାରିଣୀ ରଞ୍ଜିତା ପ୍ରଧାନ, ଏସଆଇ ହେମନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଦୁର୍ଘଟଣାର କାରଣ ଓ ସୁରକ୍ଷା ଉପରେ ମତବ୍ୟକ୍ତ କରିଥିଲେ। ଜୀବନର ମୂଲ୍ୟ ଓ ଦାୟିତ୍ୱ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ଅଧ୍ୟାପକ ଐରୀ ନାଶନ ଚାନ୍ଦା ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟକ୍ଷ ପୁଷ୍ପରାଜ ମେହେର ଧନ୍ୟବାଦ ଦେଇଥିଲେ। କେପଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ସୁବ୍ରତ କୁମାର ବେହେରା, ଜଗନ ଚାନ୍ଦାନୀ ପ୍ରମୁଖ ସହଯୋଗ କରିଥିଲେ। ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱତ ଛାତ୍ର ଅଭିରାମ କୈବର୍ତ୍ତ ଓ ଶୁଭମ ଠାକୁରଙ୍କୁ ଏସଡ଼ିପିଓ ଶ୍ରୀ ଚୋପଡା ପୁରସ୍କାର ପ୍ରଦାନ କରିଥିଲେ।

## ହେମସାଗରଙ୍କୁ ପ୍ରାଇଡ୍ ଅଫ୍ ହିନ୍ଦୁସ୍ଥାନ ଆୱାର୍ଡ

**ନର୍ଲା, ୧୦।୧(ସମିସ) :** ନର୍ଲା ବ୍ଲକ ପଲସାପଡ଼ା ଗ୍ରାମର ଯୁବ ସ୍ୱେଚ୍ଛାସେବୀ ହେମସାଗର ସାହୁଙ୍କୁ ମୁମ୍ବାଇ ୟଙ୍ଗିସ୍ଥାନ ଫାଉଣ୍ଡେସନ୍ ତରଫରୁ ପ୍ରାଇଡ୍ ଅଫ୍ ୟଙ୍ଗ୍ ହିନ୍ଦୁସ୍ଥାନ୍ ଆୱାର୍ଡ-୨୦୨୪ ପ୍ରଦାନ କରାଯାଇଛି। ମୁମ୍ବାଇର ଏହି ଫାଉଣ୍ଡେସନ ପକ୍ଷରୁ ପ୍ରତିବର୍ଷ ସାମାଜିକ କାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଭାରତବର୍ଷର ୩୦ଜଣ ଯୁବକ/ଯୁବତୀଙ୍କୁ ପୁରସ୍କୃତ କରାଯାଇଥାଏ, ପ୍ରତି ବର୍ଷ ଭଳି ଏହି ବର୍ଷ ମଧ୍ୟ ଜାତୀୟ ଯୁବ ବିନିମୟ କାର୍ଯକ୍ରମ ଗତ ୫ ତାରିଖରୁ ୭ ତାରିଖ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା। ୨୦୨୪ ବର୍ଷର ପ୍ରାଇଡ୍ ଅଫ୍ ୟଙ୍ଗ୍ ହିନ୍ଦୁସ୍ଥାନ୍ ଆୱାର୍ଡ ପାଇଁ ଓଡ଼ିଶାରୁ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡିର ପୂର୍ବତନ ଜାତୀୟ ଯୁବ ସ୍ୱେଚ୍ଛାସେବୀ ହେମସାଗର ସାହୁଙ୍କୁ ମନୋନୀତ କରାଯାଇଥିଲା। ମୁମ୍ବାଇ ସ୍ଥିତ କଲ୍ୟାଣ ଉଲ୍‌ହାସ ନଗରର ବେଦାନ୍ତ କଲେଜରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ଉତ୍ସବରେ ହେମସାଗର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ବିଶେଷକରି ଛାତ୍ର ଜୀବନରୁ ସମାଜସେବାରେ ନିଜକୁ ନିୟୋଜିତ କରିଥିବା ହେମସାଗର ସାହୁ ୨୨ଥର ରକ୍ତଦାନ କରିଥିବା ସହ ୩୦ ବର୍ଷୀୟ ହେମସାଗର ନିଜ ଅଞ୍ଚଳରେ କରୋନା ମହାମାରୀ ସମୟରେ ଲୋକମାନଙ୍କ ପାଖକୁ ଯାଇ ସଚେତନତା କରିବା ସହ ଅସହାୟ ଲୋକମାନଙ୍କୁ ଖାଇବା ବ୍ୟବସ୍ଥା କରିଥିଲେ। ଏଥିସହିତ ଏପର୍ଯ୍ୟନ୍ତ ହେମସାଗର ୪୦ ରୁ ଅଧିକ ରକ୍ତଦାନ ଶିବିରର ଆୟୋଜନ କରିବା ସହ ପରିବେଶ ସୁରକ୍ଷା, ବିଭିନ୍ନ ସଚେତନତା ମୂଳକ ଯୁବ ସଚେତନ ଶିବିରର ଆୟୋଜନ, ବିଭିନ୍ନ ସେଚେତନତା କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରିଛନ୍ତି। ସମାଜ ପ୍ରତି



ଏଭଳି ଉତ୍ସର୍ଗୀକୃତ ମନୋଭାବ ପାଇଁ ହେମସାଗର ସାହୁ ପୂର୍ବରୁ ଓଡିଶା ର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ , ୨୦୨୦ ରେ ଭଦ୍ରକ ଠାରେ ଅନୁଷ୍ଠିତ ହୋଇଥିବା ୭୨ତମ ଜାତୀୟ ମାନବଧିକାର ଦିବସରେ ମାନବ ଉତ୍କର୍ଷ ସମ୍ମାନ, ୨୦୨୧ରେ ଓଡ଼ିଶା ସରକାରଙ୍କ ବନ ବିଭାଗ ତରଫରୁ ପ୍ରକୃତି ବନ୍ଧୁ ପୁରସ୍କାର ଓ ନିଜ ଜିଲ୍ଲାର ନେହେରୁ ଯୁବ କେନ୍ଦ୍ର ତରଫରୁ ୨୦୨୩ ସମ୍ବର୍ଦ୍ଧିତ ହୋଇଥିବାବେଳେ ଚଳିତବର୍ଷ ପ୍ରାଇଡ ଅଫ୍ ୟଙ୍ଗ୍ ହିନ୍ଦୁସ୍ତାନ ଆଓ୍ୱାର୍ଡ୍ ପାଇ ରାଜ୍ୟ ତଥା କଳାହାଣ୍ଡି ଜିଲ୍ଲାକୁ ଗୌରବାନ୍ୱୀତ କରିଥିବାରୁ ତାଙ୍କ ପାଖକୁ ଅଭିନନ୍ଦନର ସୁଅ ଛୁଟୁଛି। ସୂଚନାଯୋଗ୍ୟ, ହେମସାଗର ସାହୁ ପଲସାପଡ଼ା ଗ୍ରାମର କନକ ସାହୁ ଓ ଚନ୍ଦ୍ରଧ୍ୱଜ ସାହୁଙ୍କ ସୁପୁତ୍ର ବୋଲି ଜଣାପଡ଼ିଛି।

## ଶ୍ରମ କାର୍ଯ୍ୟାଳୟ ଘେରିଲା ଜିଲ୍ଲା ଶ୍ରମିକ ମହାସଂଘ

ନୂଆପଡ଼ା, ୧୦।୧ (ସମିସ)

ନୂଆପଡ଼ା ଜିଲ୍ଲାରେ ପଞ୍ଜିକୃତ ନିର୍ମାଣ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଶ୍ରମିକ ମହାସଂଘ ତରଫରୁ ଏକ କାର୍ଯକାରୀ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ଶ୍ରମ କାର୍ଯ୍ୟାଳୟକୁ ଘେରାଉ କରିଥିବାବେଳେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପ୍ରକୋଷ୍ଠରେ ସାକ୍ଷାତ କରି ଆଲୋଚନା କରିଥିଲେ। ଜିଲ୍ଲାର ପଞ୍ଜୀକୃତ ନିର୍ମାଣ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଓ ଦାବୀ ଉପରେ ଚର୍ଚ୍ଚା କରିଥିଲେ। ଦାଦନ ଶ୍ରମିକ ନିଖୋଜ ହେଲେ, ନିର୍ଯ୍ୟାତିତ ହେଲେ, ମୃତ୍ୟୁବରଣ କଲେ, ଶୋଷିତ ଓ ଅପମାନିତ ହେଲେ ତାଙ୍କୁ ସାହାଯ୍ୟ ଓ ସୁରକ୍ଷା ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଉନାହିଁ ବୋଲି ଅସନ୍ତୋଷ ପ୍ରକାଶ କରିଥିଲେ। ଠିକ୍ ସେହିପରି ସାରା ଜିଲ୍ଲା ରେ ନିର୍ମାଣ ଶ୍ରମିକ ମାନଙ୍କ ସମସ୍ୟା ଉତ୍କଟ ଅଟେ। ଜିଲ୍ଲା ର ସମୁଦାୟ ଏକ ଲକ୍ଷ କୋଡିଏ ହଜାର ପଞ୍ଜିକୃତ ନିର୍ମାଣ ଶ୍ରମିକ ମଧ୍ୟରୁ ପ୍ରାୟ ଷାଠିଏ ହଜାର ଶ୍ରମିକଙ୍କ



ଦୀର୍ଘ ଦିନରୁ ନବୀକରଣ କରାଯାଇନାହି। ଯଦି ଠିକ୍ ସମୟରେ ନବୀକରଣ କରା ନ ଯାଏ ତେବେ ଏ ସମସ୍ତ ପଞ୍ଜୀକରଣ ରଦ୍ଦ ହୋଇଯିବା ଆଶଙ୍କା ଅଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲା ରେ ନିର୍ମାଣ ଶ୍ରମିକ ସୁରକ୍ଷା ଓ କଲ୍ୟାଣ ଯୋଜନାରେ ଅତ୍ୟନ୍ତ ନଗଣ୍ୟ ପରିମାଣରେ ମୃତ୍ୟୁକାଳୀନ, ଝିଅ ବାହାଘର, ପ୍ରସୂତୀ କାଳୀନ, ଶିକ୍ଷା, ମୃତ୍ୟୁକାଳୀନ ଶୁଦ୍ଧି ସଂସ୍କାର, ସୁରକ୍ଷା ଉପକରଣ, ସାଇକଲ ସହାୟତା ଦିଆଯାଇଛି। ନୂଆପଡ଼ା ଭଳି ଦାଦନ ପ୍ରବଣ ଜିଲ୍ଲାରେ ଏହି ସହାୟତା ପ୍ରଦାନ ରେ ଅବହେଳା ଓ ବିଭାଗୀୟ ଆନ୍ତରିକତାର ଅଭାବ ନିର୍ମାଣ ଶ୍ରମିକ ମହଲରେ ଘୋର୍ ନୈରାଶ୍ୟ ସୃଷ୍ଟି କରୁଛି। ଶ୍ରମ ବିଭାଗ ପାଖରେ ଦାଦନ ଶ୍ରମିକ ମାନଙ୍କୁ ଶୋଷଣ ଓ ନିର୍ଯ୍ୟାତନା ରୁ ସୁରକ୍ଷା ଦେବା ପାଇଁ କୌଣସି ବ୍ୟବସ୍ଥା ନାହିଁ କିମ୍ବା ଆବଶ୍ୟକୀୟ ଷ୍ଟାଫ ଓ ପଦାଧିକାରୀ ନାହାଁନ୍ତି। କେତେ ଶ୍ରମିକ,ନିଖୋଜ ହେଲେ, ମୃତ୍ୟୁବରଣ କଲେ କିମ୍ବା ବିକଳାଙ୍ଗ ହେଲେ ବିଭାଗ ପାଖରେ ଖବର ନାହିଁ। ଜିଲ୍ଲା ର ଶ୍ରମିମାନଙ୍କ ସମସ୍ୟା ସମାଧାନ ପାଇଁ ମହାସଂଘ ପକ୍ଷରୁ ଆହ୍ୱାନ ଦିଆଯାଉଛି। ନଚେତ୍ ଆଗାମୀ ଜାନୁୟାରୀ ଶେଷ ସପ୍ତାହରେ ବଡ ଧରଣ ର ଆନ୍ଦୋଳନ ପାଇଁ ପ୍ରସ୍ତୁତି କରାଯାଉଛି ବୋଲି ଆବାହକ ଯଦୁମଣି ପାଣଗ୍ରାହୀ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଭକ୍ତବନ୍ଧୁ ଧରୁଆ, ପ୍ରଦୀପ ଦଣ୍ଡସେନା ଙ୍କୁ ସର୍ବ ସମ୍ମତି ରେ ମହାସଂଘର ସହ ଆବାହକ ରୂପେ ମନୋନୀତ କରାଗଲା। ଏଠାରେ ଜିଲ୍ଲାର ବିଭିନ୍ନ ଟ୍ରେଡ ୟୁନିୟନ୍ର ପଚାଶ ଜଣରୁ ଉଣରୁ କର୍ମକର୍ତ୍ତାଙ୍କ ସମେତ ବରିଷ୍ଠ ଶ୍ରମିକ ନେତା କେଶବ ବେହେରା, ଶୁକ୍ଳାମ୍ବର୍ ନିଆଲ, ପ୍ରଦୀପ ଦଣ୍ଡସେନା, ଅନିରୁଦ୍ଧ ନାଗ, ଭକ୍ତବନ୍ଧୁ ଧରୁଆ, ଶୁକଦେବ ସାହୁ, ଜ୍ଞାନରଞ୍ଜନ ସାହୁ, ଶ୍ରୀନିବାସ ବେହେରା, ଦିଗାମ୍ବର ମାଝୀ,ପ୍ରେମ ଲାଲ ନାଏକ, ଚୈତନ୍ୟ ତାଣ୍ଡି,ପୂର୍ଣ୍ଣ ଚନ୍ଦ୍ର ଶବର, ଗଦାଧର ବେହେରା, ଟିକେଶ୍ୱର୍ ପାଣ୍ଡେ,, ଦେବ ସିଂହ ମାଝୀ, ଦେବସାଗର ନାଗ, ବଳଧର କେତକୀ, ଟିକ ଚାନ୍ଦ ଆଡବଙ୍ଗ, ବାବୁଲାଲ ମାଝୀ, ବୈଷ୍ଣବ ଜଗତ, ଟିକେଚନ୍ଦ୍ର ମାଝୀ ପ୍ରମୁଖ ସାମିଲ ହୋଇଥିଲେ।

## ନିଆଁଲାଗି ଲକ୍ଷାଧିକ ଟଙ୍କାର ଧାନ ନଷ୍ଟ

**ହରଭଙ୍ଗା, ୧୦।୧ (ସମିସ):** ଜଗନ୍ନାଥ ସଡ଼କ କଡରେ ଥିବା ଧାନ ଓ ପାଳ ଗଦାରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଧାନ ପୋଡି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚାଷୀ ନିଜର ବହୁ ଉପାର୍ଜିତ ଧାନ ବେଙ୍ଗଳା ବୌଦ୍ଧ ଜିଲ୍ଲା ଜଗନ୍ନାଥ ସଡ଼କ ଉଭୟ ପାର୍ଶ୍ୱରେ ରଖିଥିଲେ। ଗତ କାଲି ରାତ୍ରି ରେ କିଛି ଦୁର୍ବୃତ୍ତ ଜଗନ୍ନାଥ ସଡ଼କ ର ହାଟଗାଁ, ମଙ୍ଗଳ ପୁର ଓ କେଳାକାଟା ଅଞ୍ଚରେ ଧାନ ବେଙ୍ଗଳା ରେ ନିଆଁ ଲଗାଇ ଫେରାର ହୋଇଥିଲେ। ଖବର ପାଇ ବୌଦ୍ଧ ଅଗ୍ନିଶମ ବାହିନୀ ପହଞ୍ଚି ନଆଁକୁ ଆୟତ୍ତ କରିବା ପୂର୍ବରୁ ଉକ୍ତ ତିନିଖଣ୍ଡ ଗ୍ରାମର ଆଶିଷ ପାତ୍ର, କେଶବ ମହାଲିକ, ବୃନ୍ଦାବନ ଉର୍ମା, ବେଣୁଧର ଭୋକ୍ତା, ମହେଶ୍ୱର ସେଠି ଆଦି ବ୍ୟକ୍ତିଙ୍କ ପ୍ରାୟ ୧୦ଗଦା ରୁ ଅଧିକ ଧାନ ଜାହାର ଆକଳନ ମୂଲ୍ୟ ଲକ୍ଷାଧିକ ଟଙ୍କାର ଉର୍ଦ୍ଧ ଓ ପାଳ ପୋଡି ନଷ୍ଟ ହୋଇଯାଇଥିଲା। ଏବେ ଚାଷୀ ମୁଣ୍ଡରେ ହାତଦେଇ ବସିଛି। ଅନ୍ୟ ପଟେ ରାସ୍ତର ଉଭୟ ପାର୍ଶ୍ୱ ରେ ବନ ବିଭାଗ ଦ୍ୱାରା କରାଯାଇଥିବା ପଥ ପ୍ରାନ୍ତ ବନୀକରଣ ଓ ପୂର୍ତ୍ତ ବିଭାଗ ଦ୍ୱାରା ଦିଆଯାଇଥିବା ରେଡିୟମ ଲାଇଟ ପୋଡି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି।

● ପୁଲିସ ପକ୍ଷରୁ ଅପରେସନ ଗ୍ରୀନ୍ କ୍ଲିନ୍

## ୨ କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ

**ବୌଦ୍ଧ, ୧୦।୧ (ସମିସ):** ବୌଦ୍ଧ ଜିଲ୍ଲାରେ ବିଭିନ୍ନ ଜଙ୍ଗଲ ଜମିରେ ଚାଲିଥିବା ବେଆଇନ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ରୂପେ ବିଲୁପ୍ତ କରିବା ପାଇଁ ଅଣ୍ଟା ଭିଡିଛି ବୌଦ୍ଧ ପୁଲିସ ବିଭାଗ। ଜିଲ୍ଲାର ବିଭିନ୍ନ ଜଙ୍ଗଲ ଜମିରେ ହେଉଥିବା ଗଞ୍ଜେଇ ଚାଷକୁ ଚିହ୍ନଟ କରିବା ସହିତ ସେଗୁଡିକୁ



ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିବା ପାଇଁ ଅପରେସନ ଗ୍ରୀନ କ୍ଲିନ ଅଭିଯାନ ଜାରି ରଖିଛି ପୁଲିସ। ଏହି ଅଭିଯାନ ଅନୁଯାୟୀ ବୌଦ୍ଧ ଆଦର୍ଶ ଥାନା ପୁଲିସ ପକ୍ଷରୁ ପ୍ରାୟ ୧୭ ହଜାରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ଜଣାପଡ଼ିଛି। ବୌଦ୍ଧ ଏସ୍‌ପି ରାଜ ପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ ଆଦର୍ଶ ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସଙ୍କ ନେତୃତ୍ୱରେ ବଘିଆପଡ଼ା ଫାଣ୍ଡି ଅନ୍ତର୍ଗତ ବାଙ୍କୀ ଜଙ୍ଗଲରେ ଏକ ଟିମ୍ ଜଙ୍ଗଲରେ ଚଢ଼ଉ କରି ୧୭ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ପ୍ରାୟ ୧୭ ହଜାରରୁ ଅଧିକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି ଏବଂ ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୨ କୋଟି ଟଙ୍କା ହେବ ବୋଲି ପୁଲିସ ସୁଚନା ଦେଇଛି। ତେବେ ଜିଲ୍ଲାରୁ ସମ୍ପୂର୍ଣ୍ଣ ଭାବେ ଗଞ୍ଜେଇ ଚାଷ ବିଲୋପ କରିବା ପାଇଁ ଗଞ୍ଜେଇ ଚାଷ ହୋଇଥିବା ସ୍ଥାନକୁ ଚିହ୍ନଟ କରାଯାଇ ସେଗୁଡିକୁ ସମ୍ପୂର୍ଣ୍ଣ ବିଲୁପ୍ତ କରିବା ଦିଗରେ ପୋଲିସର ପ୍ରୟାସ ଜାରି ରହିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ହତ୍ୟା ଘଟଣାରେ ଜଣେ କୋର୍ଟ ଚାଲାଣ

ବୌଦ୍ଧ, ୧୦।୧ (ସମିସ): ବୌଦ୍ଧ ଆଦର୍ଶ ଥାନା ସାମ୍ଭୋଚ ଗ୍ରାମରେ ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା ଘଟଣାରେ ପୁଲିସ ଅଭିଯୁକ୍ତ ଦୁଇ ଭାଇ ମଧ୍ୟରୁ ଜଣେ ଅଭିଯୁକ୍ତ ନିମାଇଁ ଥାଟିକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ଦୁର୍ଯ୍ୟୋଧନ ଥାଟି ଏବେ ମଧ୍ୟ ଫେରାର ଅଛି। ସାମ୍ଭୋଚ ଗ୍ରାମର ସତ୍ୟ ନାରାୟଣ ସ୍ୱାଇଁ ନିଜ ଘର ସାମ୍ନାରେ ବସିଥିବା ସମୟରେ ଉକ୍ତ ଗ୍ରାମର ଦୁଇ ଭାଇ ନିମାଇଁ ଥାଟି ଓ ଦୁର୍ଯ୍ୟୋଧନ ଥାଟି ଆସି ତାଙ୍କ ଠାରୁ କିଛି ଟଙ୍କା ମାଗିଥିଲେ। ହେଲେ ସତ୍ୟ ନାରାୟଣ ତାଙ୍କୁ ଟଙ୍କା ଦେବାକୁ ମନା କରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ବଚସା ଧୀରେ ଧୀରେ ଉଗ୍ରରୂପ ନେବା ପରେ ନିକଟରେ ଥିବା ଠେଙ୍ଗାରେ ଦୁଇ ଭାଇ ସତ୍ୟ ନାରାୟଣଙ୍କୁ ପିଟି ପିଟି ହତ୍ୟା କରି ଘଟଣା ସ୍ଥଳରୁ ଫେରାର ମାରିଥିଲେ। ଘଟଣା ସ୍ଥଳରେ ଆଦର୍ଶ ପୁଲିସ୍ ପହଞ୍ଚି ମୃତଦେହକୁ ଜବତ୍ କରି ତଦନ୍ତ ଆରମ୍ଭ କରିଥିଲେ। ତେବେ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଭାଇ ନିମାଇଁ ମହାନଦୀ କୂଳରେ ଥିବା ଗୋଟିଏ ପମ୍ପହାଉସରେ ଲୁଚି ରହିଥିବା ବେଳେ ପୁଲିସ ଖବର ପାଇ ତାଙ୍କୁ ଗିରଫ କରିଥିଲା। ଅନ୍ୟ ଜଣେ ଅଭିଯୁକ୍ତ ଏବେ ମଧ୍ୟ ଫେରାର ଥିବା ବେଳେ ପୁଲିସ ତାକୁ ଧରିବା ପ୍ରୟାସ ଜାରି ରଖିଛି।

## ତେଲିବନ୍ଧ ହାଇସ୍କୁଲରେ ଯୋଗ ଶିବିର

**ଜହ୍ନାପଙ୍କ, ୧୦।୧ (ସମିସ):** ବୌଦ୍ଧ ବ୍ଲକ ତେଲିବନ୍ଧ ଉଚ୍ଚ ବିଦ୍ୟାଳୟ ପରିସରରେ ଦେବ ଶକ୍ତି ଗାୟତ୍ରୀ ବିଦ୍ୟାଳୟ ହରିଦ୍ୱାର ପକ୍ଷରୁ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗ ପ୍ରଶିକ୍ଷକ ଭାବେ ସୁଶ୍ରୀ ଟୁଇନକିଲ ସୋନି, ସୁଶ୍ରୀ ମୋନିକା କ୍ଷେତୀ ଓ ଦିପାସ। ଚୌହାନ ଗାୟତ୍ରୀ ମନ୍ତ୍ର ମାଧ୍ୟମରେ ପ୍ରଜ୍ଞା ଯୋଗ ଓ ଷ୍ଟ୍ରେସ ମେନେଜମେଣ୍ଟ ଉପରେ ଶିକ୍ଷ୍ୟାର୍ଥିଙ୍କୁ ଶିକ୍ଷା ଦେଇଥିଲେ। ଜହ୍ନାପଙ୍କ ଗାୟତ୍ରୀ ପରିବାର ତରଫରୁ ନିର୍ମଳ କୁମାର ସାହୁ ତାଲିମଦାତାମାନଙ୍କୁ ସହଯୋଗ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତରଙ୍ଗିଣୀ ବେହେରା, ଶିକ୍ଷକ ଅଶୋକ ପ୍ରଧାନ, ସହକାରୀ ଶିକ୍ଷକ ଶମ୍ଭୁ ଗିରି, ନିରଞ୍ଜନ ମେହେର, ସ୍ୱାଗତିକା ପ୍ରଧାନ, ରଶ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଗଡ଼ିଲା ଅର୍ପଣ ରଥ

# ଜଗନ୍ନାଥମୟ ହେଲା ପରିବେଶ





**ସୋନପୁର, ୧୦।୧(ସମିସ)**

ଜଗନ୍ନାଥମୟ ପରିବେଶ ଭିତରେ ସାରା ସୋନପୁର ସହରରେ ଅର୍ପଣ ରଥ ବୁଲି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି। ସୋନପୁର ସଦର ମହକୁମା ପୌର ପରିଷଦ ଠାରେ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ଡୁଡ଼ା ପିଡି ବିଶ୍ୱନାଥ ବାରିକ ଏହି ରଥକୁ ଶୁଭାରମ୍ଭ କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ପୌର ଅଧକ୍ଷା ତାମସି ତାମସ୍ମିତା ନାଏକ, ପୌର ଅଧିକାରୀ ମାନୋରଞ୍ଜନ ପଣ୍ଡା ଯୋଗ ଦେଇ ସହରରେ ବିଭିନ୍ନ ୱାର୍ଡ ପରିକ୍ରମାର ଶୁଭାରମ୍ଭ କରି ଲୋକଙ୍କୁ ଏହାର ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ। ସହରର ବିଭିନ୍ନ ୱାର୍ଡରେ ଏହି ଅର୍ପଣ ରଥକୁ ଲୋକେ ସ୍ୱାଗତ ସମ୍ବର୍ଦ୍ଧନା କରି ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ପାଇଁ ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ପୌର ଅଧିକାରୀ ମନୋରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହରର ସମସ୍ତ କାଉନସିଲର ଓ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ହଜାର ଲୋକଙ୍କ ଉପସ୍ଥିତିରେ ନାମ ସଂକୀର୍ତ୍ତନ ମଣ୍ଡଳୀର ହରିବୋଲ ଓ ମହିଳାମାନଙ୍କ ହୁଳହୁଳି ମଧ୍ୟରେ ଅର୍ପଣ ରଥକୁ ସହର ପରିକ୍ରମା କରାଯାଇଥିଲା। ଶ୍ରୀକ୍ଷେତ୍ରର ଏହି ପବିତ୍ର ଯଜ୍ଞ ଅନୁଷ୍ଠାନରେ ଆଧ୍ୟାତ୍ମିକ ଓ ମାନସିକ ସ୍ତରରେ ଯୋଡି ହୋଇ ଜଗନ୍ନାଥ ସଂସ୍କୃତିକୁ ଉଜ୍ଜୀବିତ କରିବାକୁ ପ୍ରତି ପରିବାରରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଉଛି।

**ବିନିକା:** ବଡ଼ ଠାକୁର ଜଗତରନାଥ ପ୍ରଭୁ ଜଗନ୍ନାଥଙ୍କ ଅର୍ପଣ ରଥ ଆଜି ବିନିକା ସହରର ୪, ୫, ୬ନଂ ୱାର୍ଡରେ ପରିକ୍ରମା କରିଥିଲା। ଏହି ଅବସରରେ ଜଗନ୍ନାଥଙ୍କର ଜୟଗାନ କରି ୱାର୍ଡବାସୀଙ୍କ ତରଫରୁ ସ୍ୱାଗତ କରାଯାଇଥିଲା। ସଙ୍କୀର୍ତ୍ତନର ତାଳେ ତାଳେ ଅର୍ପଣ ରଥ ପରିକ୍ରମା କରୁଥିବା ବେଳେ ଶ୍ରଦ୍ଧାଳୁ ଭକ୍ତଙ୍କ ଜୟ ଧ୍ୱନି, ମହିଳାଙ୍କ ହୁଳହୁଳିରେ ସହର ପ୍ରକମ୍ପିତ ହୋଇଥିଲା। ଅର୍ପଣ ରଥକୁ ମହିଳା ମାନେ ନିଜ ନିଜ ଘର ସମ୍ମୁଖରେ କଳସ ବସାଇ ସ୍ୱାଗତ କରି ଅରୁଆ ଚାଉଳ, ଗୁଆ ଅର୍ପଣ କରିଥିଲେ। ଅନୁଷ୍ଠିତ ଅର୍ପଣ ରଥ ପରିକ୍ରମା ସମୟରେ ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇଙ୍କ ସମେତ ସମସ୍ତ କାଉନସିଲର, ପରିଷଦ କର୍ମଚାରୀ, ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ସ୍ୱୟଂ ସହାୟକ ସଦସ୍ୟା, ଶ୍ରଦ୍ଧାଳୁ ଭକ୍ତ ସାମିଲ ହୋଇଥିଲେ।

**ଶଗଡ଼ା :** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା ଗ୍ରାମରେ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥକୁ ସ୍ଥାନୀୟ ସରପଞ୍ଚ ରିତା କହଁର ଭବ୍ୟ ସ୍ୱାଗତ କରି ଶ୍ରୀଜଗନ୍ନାଥ ମନ୍ଦିରକୁ ପାଛୋଟି ନେଇଥିଲେ। ପରେ ମନ୍ଦିର ପ୍ରାଙ୍ଗଣରେ ଜୟ ଜଗନ୍ନାଥ ଅର୍ପଣ ରଥକୁ ପୂଝାରୀ ଧୂପ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା ପରେ ଅକ୍ଷତ ଚାଉଳ ଓ ଗୁଆ ଅର୍ପଣ କରି ରଥକୁ ଗ୍ରାମ୍ୟ ପରିକ୍ରମା କରାଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୁରୁଚରଣ ସେଠୀ ଓ ଜିଆରଏସ ଶଙ୍କର୍ଷଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମ୍ୟ ପରିକ୍ରମା ନିମନ୍ତେ ଜଗନ୍ନାଥ ମନ୍ଦିରରୁ ଅର୍ପଣରଥ ବାହାରିବା ମାତ୍ରେ ଘଣ୍ଟାପଡ଼ା ଗ୍ରାମବାସୀଙ୍କ ତରଫରୁ ମହିଳା ଓ ପୁରୁଷ ସଂକୀର୍ତ୍ତନ୍ୟମଣ୍ଡଳୀ ସହିତ ସମବେତ ମହିଳା ଓ ପୁରୁଷ ମାନେ ଘଣ୍ଟ, ଶଙ୍ଖ ହରିବୋଲ ଓ ହୁଳହୁଳି ସହିତ ଜୟ ଜଗନ୍ନାଥ ନାରା ଦେଇ ରଥକୁ ସ୍ୱାଗତ କରିଥିଲେ। ଘରେ ଘରେ ଦୀପ ପ୍ରଜ୍ୱଳନ କରି ରଥକୁ ସ୍ୱାଗତ କରି ଅକ୍ଷତ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ଏହି ସ୍ୱାଗତ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ନବୀନ କିଶୋର ମେଣ୍ଡିଲି, ସମାଜସେବୀ କାଳିଆ କହଁର, ମହେଶ୍ୱର ରଣା, ନିତ୍ୟାନନ୍ଦ ଥନାପତି, ବିଶ୍ୱାମିତ୍ର ମାଝୀ, ୱାର୍ଡ ସଭ୍ୟ/ସଭ୍ୟା ପଞ୍ଚାୟତ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ମହିଳା ମିଶନ ଶକ୍ତିର ଏମବିକେ, ସିଆରପି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଘଣ୍ଟାପଡ଼ା ଗ୍ରାମବାସୀ ରଥ ପରିକ୍ରମାରେ ସହଯୋଗ କରିଥିଲେ। ସେହିପରି ଘଣ୍ଟାପଡ଼ା ପଞ୍ଚାୟତ ଅଧିନସ୍ଥ ପୋଡାପଦର, ଲଣ୍ଡାପଦର, କୋଡ଼ିବାହାଲି, ରେକ୍ ଡୋଲ, ସୁର୍ଜାଭଟ୍ଟା, ତାଲବେଡା ଆଦି ପ୍ରତ୍ୟେକ ଗ୍ରାମରେ ରଥକୁ ଭବ୍ୟ ସ୍ୱାଗତ କରି ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଥିଲେ।

## ବୌଦ୍ଧ ଜିଲ୍ଲାରେ ପକ୍ଷୀଗଣନା ଆରମ୍ଭ

**ହରଭଙ୍ଗା, ୧୦।୧ (ସମିସ):** ବୌଦ୍ଧଜିଲ୍ଲାରେ ପକ୍ଷୀ ଗଣନା କରାଯାଇଛି। ଜିଲ୍ଲାର ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଓ ମହାନଦୀ ବନ୍ୟପ୍ରାଣୀ ଅଧିକାରୀ ଫାଲ୍ଗୁନୀ ପାର୍ଥ ସାରଥୀ ମଲ୍ଲିକ ମିଳିତ ନେତୃତ୍ୱରେ ବିଭିନ୍ନ ଅଞ୍ଚଳରେ ପକ୍ଷୀ ଗଣନା କରାଯାଇଛି। ବନଖଣ୍ଡ ଅଧିନରୁ ଏକ ଛଅ ଜଣିଆ ପ୍ରତିନିଧି ମଣ୍ଡଳୀ ମହାନଦୀ ଆଳତୀ ଘାଟ ଠାରେ ପକ୍ଷୀ ଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ମଣ୍ଡଳୀରେ ଏ. ସି.ଏଫ. ମିନାକ୍ଷୀ କୁମୁରା, ରେଞ୍ଜ ଅଫିସର ଅର୍ଜନା ଗମାଙ୍ଗ, ଫରେଷ୍ଟର ସ୍ୱାଧୀନ ସାମଲ, ବନରକ୍ଷୀ ସନ୍ତୋଷ ବାରିକ, ଡ୍ରୋନ ଅପରେଟର ରଞ୍ଜନ ପାଣ୍ଡେ ସାମିଲ ହୋଇଥିଲେ। ସେହିପରି ହରଭଙ୍ଗା ବ୍ଲକ ର ସରସରା ସାଗର, ଡମକୁଜଡ୍ୟାମ, ନୂଆପଡ଼ା ଡ୍ୟାମ ଓ ଜିଲ୍ଲାର ମହାନଦୀ ଉପତ୍ୟକା, ପୁରୁଣା ପୋଖରୀ, ଝରଣା ପ୍ରଭୃତି ସ୍ଥାନରେ ବନବିଭାଗ ଦ୍ୱାରା ପକ୍ଷୀ ଗଣନା କରାଯାଇଛି। ମହାନଦୀ ବନ୍ୟପ୍ରାଣୀ ବିଭାଗୀୟ ଦ୍ୱାରା ସାତ କୋଶିଆ ଅଭୟା ରଣ୍ୟ ଗଣ୍ଡ ରେ କୁସଙ୍ଗ ରେଞ୍ଜ ଅଧିନସ୍ଥ ତିନିଗୋଟି ଦଳ ପକ୍ଷୀ ଗଣନା ରେ ସାମିଲ ରହିଥିଲେ। ମହାନଦୀର ସାତ କୋଶିଆ ଗଣ୍ଡ ମାରଡ଼ା ଠାରୁ ସୀତଲପାଣି,



ଶୀତଳ ପାଣି ଠାରୁ ହରଭଙ୍ଗା ଓ ହରଭଙ୍ଗା ଠାରୁ ଅଏବା ପର୍ଯ୍ୟନ୍ତ ଏହି ତିନୋଟି ଦଳ ପକ୍ଷୀ ଗଣନା କରିଥିଲେ। ସାତ କୋଶିଆ ଗଣ୍ଡ ରେ ଟେଣ୍ଟେଇ, ପାଣି ଚିରା, ପାଣି କୁଆ, ଚାରା ଚଢେଇ, କଣ୍ଡକ, ଗଙ୍ଗୋଇ ଚଡେଇ ଓ ଥିକିନି, ଟୁଆଁ ଟୁଇଁ, କିଙ୍ଗ ଫିସର ଓ ଗୋଠ ବଗ ପ୍ରଜାତିର ବିଦେଶୀ ପକ୍ଷୀଙ୍କ ଗଣନା କରାଯାଇଥିବା ର ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏହି ଗଣନା ରେ ଓ ୟୁ ଏ ଟି ଭୁବନେଶ୍ୱର ରୁ ଆସିଥିବା ସ୍ୱପନନିଲ ଶତପଥି, ଲକ୍ଷ୍ୟସିଦ୍ଧି ବେହେରା, କୁସଙ୍ଗ ରେଞ୍ଜ ଅଧିକାରୀ ସଂସାର ବର୍ଗିଆ, ଫରେଷ୍ଟର ଅନ୍ତର୍ଯ୍ୟାମୀ ଜାନି, ଗୋବିନ୍ଦ ଚନ୍ଦ୍ର ମହାକୁଡ଼, ବିଷ୍ଣୁପ୍ରିୟା ଦେଇ, ବ୍ରଜରାଜ ବିଶ୍ୱାଳ, ସ୍ୱାଡ୍ ଅକ୍ଷୟ ସାହୁ ସାମିଲ ଥିଲେ।

## ସର୍ବଭାରତୀୟ ତିଳେଶ୍ୱର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ହରଭଙ୍ଗା/ଚାରିଛକ, ୧୦।୧ (ସମିସ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଫ୍ରେଣ୍ଡସ ଆସୋସିଏସନ ତିଳେଶ୍ୱର ଆନୁକୂଲ୍ୟରେ ପ୍ରଥମ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଦିନ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ କହଁର ଯୋଗଦେଇ ଖେଳକୁ ଉଦଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଧାନସଭା ବିଜୁଜନତା ଦଳର ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ କର୍ଣ୍ଣ, ବାଣୀଭୁସନପୁର ସରପଞ୍ଚ ଶ୍ରୀବନ୍ତ ମେହେର ଉପସ୍ଥିତ ଥିଲେ। ଉଦଘାଟନୀ ମ୍ୟାଚ କଳାହାଣ୍ଡି



ସ୍ପୋର୍ଟସ ହଷ୍ଟେଲ ବନାମ କଟକ ସନସାଇନ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଦଳ ଦୁଇ ଗୋଟି ଗୋଲ ଦେଇ ସେମିଫାଇନାଲ ରେ ପ୍ରବେଶ କରିଛି। ଖେଳକୁ ଜାତୀୟସ୍ତରର ରେଫରି ସୁବ୍ରତ କୁମାର ପୁରୋହିତ, ମାନସ କୁମାର ବିଶ୍ୱାଳ, ସୁଜିତ୍ ରାଜହଁସ ପରିଚାଳନା କରିଥିବାବେଳେ ଚତୁର୍ଥ ରେଫରି ଭାବେ ଦିଲୀପ କୁମାର୍ ରାଉତ, ମ୍ୟାଚ କମିସନର ଭାବେ ରଞ୍ଜନ କୁମାର୍ ଯୋଶୀ କାର୍ଯ୍ୟ ତୁଲାଇଥିଲେ। ଏହି ଖେଳଟିକୁ ଫ୍ରେଣ୍ଡସ ଆସୋସିଏସନର ସଭାପତି ଝୁନୁ ବେହେରା, ସମ୍ପାଦକ ରମେଶ କୁମାର୍ ସାମଲ, ସୁଶିଲ ଦେହୁରୀ, ଦେବରାଜ ପ୍ରଧାନ, ବିଶ୍ୱଜିତ୍ ପ୍ରଧାନ, ସୁଜ୍ଞାନ କର୍ଣ୍ଣ, କନ୍ଧମିନି ଯୋଶୀ, ନିକୁଞ୍ଜ କୁମାର ବେହେରା ଏବଂ ଫ୍ରେଣ୍ଡସ ଆସୋସିଏସନ ର ସମସ୍ତ ସଦସ୍ୟ ଙ୍କ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଅଛି।

## ଚାଉଳ ଦାବିରେ ୧୯ ହିତାଧିକାରୀଙ୍କ ଧାରଣା

**ବିନିକା, ୧୦।୧(ସମିସ) :** ମାସେ ନୁହେଁ କି ଦୁଇ ମାସ ନୁହେଁ ଦୀର୍ଘ ୫/୬ମାସ ହେଲା ଖାଉଟି ସାମଗ୍ରୀ ଚାଉଳ ମିଳୁନାହିଁ। ଆମ୍ଭା ବହୁ ଦୁଃଖ କଷ୍ଟରେ ଚଳୁଛୁ। ଚାଉଳ ପାଇଁ ଯାହାକେ ଗୁହାରି କଲେ କେହି ନାହିଁ ଶୁଣିବାର। ଶେଷରେ ବାଧ ହୋଇ ଏନଏସି କେ ଆସୁଲୁଁ। ଚାଉଳ ନାହିଁ ମିଳବାର ତକ ଧାରଣାରେ ବସିଥିମୁ ବୋଲି କାନ୍ଦ କାନ୍ଦିରିଆ ଭାବେ ଦୁଃଖର ସହ ମହିଳା ହିତାଧିକାରୀ ପ୍ରକାଶ କରିଛନ୍ତି। ଘଟଣାଟି ହେଉଛି ଖୋଦ ବିନିକା ଏନଏସି ୱାର୍ଡ ନଂ ୧୦ ଉଲ୍ଲେ ଗ୍ରାମର। ୧୦ନଂ ୱାର୍ଡ କାଉନସିଲରଙ୍କ ପ୍ରତିନିଧି ଗୋପୀନାଥ ପଣ୍ଡାଙ୍କ ନେତୃତ୍?ରେ ଗରିବ ହିତାଧିକାରୀ ମାନେ ଆଜି ଅପରାହ୍ନରେ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟକୁ ଆସିଥିଲେ। ଚାଉଳ ଦେବା ପାଇଁ ଆପତି ଅଭିଯୋଗ କରିଥିଲେ ହେଁ ଖାଉଟି ସାମଗ୍ରୀ ମିଳି



ନଥିଲା ଫଳରେ ସମସ୍ତ ହିତାଧିକାରୀ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ କହିବା ଅନୁସାରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଠାରୁ ଅଦ୍ୟାବଧି ଚାଉଳ ମିଳୁନାହିଁ। ଯାହା ଫଳରେ ଆମ୍ଭେ ସପରିବାର ଚଢ଼ା ଦରରେ ଚାଉଳ କିଣି ପରିବାରର ପେଟ ପାଟଣା ପୋଷିବାକୁ ବାଧ ହେଉଛୁ। ଚାଉଳ ନଦେବା ଯାଏ ଧାରଣାରେ ବସିଥିବୁ ବୋଲି ହିତାଧିକାରୀ କହିଛନ୍ତି। ତେବେ ଖବର ଲେଖା ଯିବା ପର୍ଯ୍ୟନ୍ତେ ହିତାଧିକାରୀଙ୍କ ଧାରଣା ଜାରି ରହିଥିବା ବେଳେ ସମାଧାନ ପାଇଁ ଘଟଣା ସ୍ଥଳକୁ କୌଣସି ପଦାଧିକାରୀ ପହଞ୍ଚି ନ ଥିବା ଜଣାପଡ଼ିଛି।

## 'ସାଇବର ଅପରାଧ ଓ ଶିଶୁ ସୁରକ୍ଷା' ଆଲୋଚନାଚକ୍ର

**ସୋନପୁର, ୧୦।୧ (ସମିସ):** ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୪ ଅବସରରେ ଆୟୋଜିତ ପଞ୍ଚମ ତଥା ଅନ୍ତିମ ଦିବସରେ ବୁଧବାର 'ସାଇବର କ୍ରାଇମ ଓ ଶିଶୁ ସୁରକ୍ଷା' ଉପରେ ଏକ ଆଲୋଚନାଚକ୍ର ରାମେଶ୍ୱର ଷ୍ଟାଡିୟମସ୍ଥିତ ଓରମାସ୍ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଶିଶୁଙ୍କ ମୁହଁରେ ହସ ଫୁଟିଲେ ଦେଶ ହସିବ ବୋଲି ବକ୍ତାମାନେ ମତ ଦେଇଥିଲେ। ସେହିପରି ଆଜିର ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ସ୍ମାର୍ଟ ଫୋନ୍, ଫେସବୁକ, ହ୍ୱାଟ୍ସଆପ, ଆଦିର ବ୍ୟାପକ ବ୍ୟବହାର ଅନିର୍ବାର୍ଯ୍ୟ ହୋଇ ଯାଇଛି। ଏସବୁର୍ ଭଲଦିଗ ଯେତିକି ଅଛି, ଖରାପ୍ ଦିଗ ମଧ୍ୟ ସେତିକି



ରହିଛି। ତେବେ ସତର୍କତାର ସହ ଏସବୁର୍ ବ୍ୟବହାର ସାଙ୍ଗକୁ ମୋବାଇଲ ରେ ଆସୁଥିବା ବିଭିନ୍ନ ଆପ୍, ମେସେଜ ଓ କଲ୍‌ର୍ ପ୍ରଲୋଭନ ଓ ଆକର୍ଷଣଠାରୁ ନିଜକୁ ଦୂରେଇ ରଖିବା୍ ନିହାତି ଆବଶ୍ୟକ ବୋଲି ଆଲୋଚକମାନେ ମତ ପୋଷଣ କରିଛନ୍ତି। ସାହାରା ଟ୍ରଷ୍ଟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ନିମନ୍ତ୍ରିତ ଆଲୋଚକ ଭାବେ ବୌଦ୍ଧ ଶିଶୁ ମଙ୍ଗଳ ସମିତିସଭ୍ୟ ରାଜୀବ ନାୟକ, ସୋନପୁର ମହାବିଦ୍ୟାଳୟର କମ୍ପ୍ୟୁଟର ସାଇନସ୍ ଅଧାପକ କ୍ୟାପଟେନ ରାଜେଶ ଅଗ୍ରୱାଲ, ଡିଏସପି ପ୍ରତାପ ରାଣା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡ଼ତିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସଞ୍ଚାଳକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଧର ବାଗ୍ କାର୍ଯ୍ୟନିର୍ବାହ କରିଥିଲେ। ସେମିନାର ପରିଚାଳନା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ କରିଥିବା ବେଳେ ଶିକ୍ଷାବିତ୍ ଗତିକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

● ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

## ଏହେସାସ ତାଏକ୍ୱୋଣ୍ଡୋ ଏକାଡେମୀ ରନର୍ସଅପ୍

**ସୁବଳୟା, ୧୦।୧ (ସମିସ):** ଓଡ଼ିଶା ତାଇକଣ୍ଡୋ ଏକାଡେମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ଚାମ୍ପିଆନସିପରେ ସୁବର୍ଣ୍ଣପୁର ଜିଲ୍ଲା ଏହେସାସ ତାଏକ୍ୱୋଣ୍ଡୋ ଏକାଡେମୀର ଖେଳାଳିଙ୍କୁ ସଫଳତା ମିଳିଛି। ଏହି ଚାମ୍ପିଆନସିପରେ ଏହେସାସ ତାଏକ୍ୱୋଣ୍ଡୋ ଏକାଡେମୀ ରନର୍ସଅପ ହୋଇଥିବାବେଳେ ୭ଟି ସ୍ୱର୍ଣ୍ଣ, ୨ ଗୋଟି ରୋପ୍ୟ ଏବଂ ୬ ଗୋଟି କାଂସ୍ୟ ପଦକ ହାସଲ କରିଛନ୍ତି ଏକାଡେମୀର ଖେଳାଳି। ପୁରୀସ୍ଥିତ ରାଣୀସତି ଭବନଠାରେ ଦୁଇଦିନ ଧରି ଆୟୋଜିତ ଏହି ଚାମ୍ପିଆନସିପରେ କୁମାର କାସ୍ୟପ ଶଡଙ୍ଗୀ, ହର୍ଷିତା ନାୟକ, ରବୀଶଙ୍କର ସାହୁ, ସୁନିତା ନାୟକ, ପ୍ରିୟଦର୍ଶନୀ କର, ଅନ୍ୱେଷ ହୋତାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବାବେଳେ ଜ୍ୟୋତିର୍ମୟୀ ସାହୁ, ହରିପ୍ରିୟା ମିଶ୍ରଙ୍କୁ ରୋପ୍ୟ ଏବଂ ଅର୍ଲିନ ମିଶ୍ର, ତନୟା ଡି. ପଟ୍ଟନାୟକ, ବିଶ୍ୱନାଥ ଭୋଇ, ରାଜକୁମାର ପାତ୍ର, ଦେବାଶିଷ ଚନ୍ଦ୍ର ନାୟକ, ଏସ ପ୍ରିୟଦର୍ଶନୀଙ୍କୁ କାଂସ୍ୟ ପଦକ ମିଳିଛି। ଖେଳାଳୀଙ୍କ ଏହି ସଫଳତା ପାଇଁ ରାଜ୍ୟ ତାଏକ୍ୱୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ, ସୁବର୍ଣ୍ଣପୁର ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘର ସଭାପତି ରବୀନ୍ଦ୍ର ହୋତା ଏବଂ ସମ୍ପାଦକ ଏହେସାସ ହୋତା ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲ୍ଲା ପରିଷଦ ତୃତୀୟ ତ୍ରୈମାସିକ ବୈଠକ ଓ ଜିଲ୍ଲା ଯୋଜନା କମିଟି ବୈଠକ

**ବୌଦ୍ଧ, ୧୦।୧ (ସମିସ)**

ବୌଦ୍ଧ ଜିଲ୍ଲା ପରିଷଦର ୨୦୨୩-୨୪ ବର୍ଷର ତୃତୀୟ ତ୍ରୈମାସିକ ବୈଠକ ଜିଲ୍ଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସଙ୍କ ଅଧକ୍ଷତାରେ ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଞ୍ଚାୟତି ରାଜ ଓ ପାନୀୟ ଜଳ, ଜଙ୍ଗଲ ଓ ପରିବେଶ ତଥା ଜଳବାୟୁ ପରିବର୍ତ୍ତନ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା କଣ୍ଟାମାଳ ବିଧାୟକ ମହୀଧର ରଣା, ସାଂସଦ ପ୍ରତିନିଧି ତାରେଣୀ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ତିନି ଗୋଟି ବ୍ଲକର ଅଧକ୍ଷ ଅଧକ୍ଷା, ସମସ୍ତ ଜିଲ୍ଲା ପରିଷଦ ସଦସ୍ୟା ସଦସ୍ୟ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଆବାହକତ୍ୱରେ ଏହି ବୈଠକ ଆହୂତ କରା ଯାଇଥିବା ବେଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକ ପ୍ରାରମ୍ଭରେ ପୂର୍ବ ବୈଠକ ବିବରଣୀ ଉପରେ ଆଲୋଚନା ହୋଇଥିଲା। ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ



ଦ୍?ାରା ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ବିନିଯୋଗ ଉପରେ ଆଲୋଚନା ହୋଇଥିଲା ଏବଂ ମେଗା ଜଳଯୋଗାଣ ପାଇଁ ବିଦ୍ୟୁତ ଦେୟ ପ୍ରାୟ ବାର୍ଷିକ ୨ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଜିଲ୍ଲା ପରିଷଦ ପ୍ରକଳ୍ପ ପାଇଁ ପାଣ୍ଠିର ଅଭାବ ରହୁଥିବାରୁ ଅନୁମୋଦିତ ପ୍ରକଳ୍ପ ନିମନ୍ତେ ସରକାରଙ୍କ ଠାରୁ ପାଣ୍ଠିର ସୁବ୍ୟବସ୍ଥା ପାଇଁ ପ୍ରସ୍ତାବ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। କଣ୍ଟାମାଳ ବ୍ଲକରେ ତିନିଗୋଟି ରାସ୍ତା ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାର ଚତୁର୍ଥ ସୋପାନରେ ନିଆଯିବାକୁ ବିଭାଗୀୟ ଗ୍ରାମ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିକ୍ଷାନୁଷ୍ଠାନ ଗୁଡିକୁ ଆବଶ୍ୟକ ସମୟରେ ଜଳଯୋଗାଣ ନିମନ୍ତେ ସମ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଜିଲ୍ଲା ଶ୍ରମ ବିଭାଗ ଦ୍ୱାରା ସମସ୍ତ ମଞ୍ଜୁର ପ୍ରାପ୍ତ ହିତାଧିକାରୀଙ୍କୁ ସହାୟତା ରାଶି ଖୁବ୍‌ଶୀଘ୍ର ବଣ୍ଟନ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ହର ଘର ଜଳ ଯୋଜନାରେ ୧୯୭ ଗୋଟି ପ୍ରମାଣୀକୃତ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କୃଷି ବିଭାଗ ବ୍ଲକ ସ୍ତରୀୟ ଅଧିକାରୀ ମାନଙ୍କ ମଧ୍ୟରେ ବିହନ ଓ ସାର ଯୋଗାଣ ଦାୟିତ୍ୱ ସୁଷମ ବଣ୍ଟନ ପାଇଁ ମତ ପ୍ରକାଶ ପାଇଥିଲା। ଛାତ୍ର ଶିକ୍ଷକ ଅନୁପାତ ଅନୁସାରେ ତଥ୍ୟକୁ ଭିତ୍ତି କରି ଶିକ୍ଷକ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାଣିଧନ ବିଭାଗ ଅଧୀନରେ ଥିବା ମୋଟ ୩୭ ଗୋଟି ନିରିକ୍ଷକ ପଦବୀ ମଧ୍ୟରୁ ମାତ୍ର ୮ ଜଣ ଥିବା ଜଣା ପଡ଼ିଥିଲା। ବିଗତ ବର୍ଷ ମତ୍ସ୍ୟ ବିଭାଗ ଦ୍ୱାରା ୨ କୋଟି ଜାଆଁଳ ଉତ୍ପାଦନ କରାଯାଇଥିବା ବେଳେ ଚଳିତ ବର୍ଷ ୩୬ ଲକ୍ଷ ଜାଆଁଳ ଉତ୍ପାଦନ କରା ଯାଇଛି ଯାହାକି ବିଗତ ଅଗଷ୍ଟ ମାସର ପ୍ରବଳ ବର୍ଷା କାରଣରୁ ବାଧାପ୍ରାପ୍ତ ହୋଇ ଉତ୍ପାଦନ କମି ଯାଇଥିବା ସୂଚନା ଦିଆଯାଇଥିଲା। ମନରେଗା ଯୋଜନାରେ ବନ୍ଧ ପୁନରୁଦ୍ଧାର ପାଇଁ ପ୍ରସ୍ତାବ ଦେବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ଜଣା ପଡ଼ିଥିଲା। ଟିକରପଡ଼ା ସବ ସେଣ୍ଟର ୧୦ ଦିନ ମଧ୍ୟରେ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିମନ୍ତେ ଗୋଟିଏ ଫଟୋ ଆନାଲାଜର କ୍ରୟ ପାଇଁ ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦକୁ ୧୦ ଲକ୍ଷ ଟଙ୍କାର ଅନୁଦାନ ପାଇଁ ଅନୁରୋଧ କରିବାକୁ ସ୍ଥିର କରାଯାଇଥିଲା। ଜିଲ୍ଲା ଯୋଜନା କମିଟି ଦ୍ୱାରା ୨୦୨୪-୨୫ ଆର୍ଥିକ ବର୍ଷ ରେ ୧୧ ଗୋଟି ସେକ୍ଟର ନିମନ୍ତେ ୧୩୪୧ କୋଟି ଟଙ୍କାର ବ୍ୟୟ ବରାଦ ଅନୁମୋଦନ କରାଯାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA



## ଉନ୍ନୟନ କାର୍ଯ୍ୟରେ ଅହେତୁକ ବିଳମ୍ବ ଅଭିଯୋଗ

**ହରଭଙ୍ଗା, ୧୦।୧ (ସମିସ) :** ପୁରୁଣାକଟକ ଗ୍ରାମରେ ବିଗତ ଦିନରେ ହୋଇଥିବା (ପୁରୁଣାକଟକ-ଧଳପୁର) ରାସ୍ତା ର ବିଭିନ୍ନ ଅଧା ପଡ଼ିଥିବା କାର୍ଯ୍ୟ କୁ ତୁରନ୍ତ ସାରିବା ଦାବିରେ ଆଜି ବୌଦ୍ଧ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ ଙ୍କୁ ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ଅନୁଷ୍ଠିତ ହେଉଥିବା ଜନ ଅଭିଯୋଗ ଶୁଣାଣିରେ ଗ୍ରାମର ଏକ ତିନିଜଣିଆ ପ୍ରତିନିଧି ଦଳ ଦୀପ୍ତି ପ୍ରକାଶ ସାହୁଙ୍କ ନେତୃତ୍ୱରେ ପହଁଚି ଅଭିଯୋଗ କରିଥିଲେ। ବାକି ରହିଥିବା ଡ୍ରେନେଜ୍ ସ୍ଲାବ୍, ଅଧା ରହିଥିବା ଡ୍ରେନ୍ ନିର୍ମାଣ, ନୂଆ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରଣ, ଗଡ଼ ସାହି ରାସ୍ତା ସ୍ଲୋପିଙ୍ଗ୍ ନିର୍ମାଣ ଆଦି କାର୍ଜ୍ୟ ତୁରନ୍ତ ଏକ ନୂଆ ଠିକାଦାରଙ୍କ ଦ୍ୱାରା ୩୦ ଦିନ ମଧ୍ୟ ରେ ସାରିବାକୁ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ମଧ ତୁରନ୍ତ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଙ୍କୁ ନିର୍ଦେଶ ଦେଇଥିଲେ। ଉକ୍ତ ଆଲୋଚନା ସମୟ ରେ ବିଡ଼ିଓ ସ୍ୱପ୍ନିତା ନାୟକ ମଧ ଉପସ୍ଥିତ ଥିଲେ। ଏପରିକି ଉକ୍ତ କମିଟି ଅକ୍ଷରୁ ବେଆଇନ କୋଇଲା ଚାଲାଣ କୁ ରୋକ ଦେବାକୁ ଏସ୍‌ପିଙ୍କ ନିକଟରେ ଦାବି ରଖିଥିଲା।

## ଶିକ୍ଷାବିତ ନିରଞ୍ଜନ ସାହୁଙ୍କ ପରଲୋକରେ ଶୋକ

**ସାହାଜପାଲ, ୧୦।୧ (ସମିସ):** ବୌଦ୍ଧ ବ୍ଲକ ତାଳସରଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ମଧ ଇଂରାଜୀ ବିଦ୍ୟାଳୟ ସଂଗ୍ରାମପୁରରେ ଶିକ୍ଷାବିତ ନିରଞ୍ଜନ ସାହୁଙ୍କ ପରଲୋକରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନୀରବ ପ୍ରାର୍ଥନା କରିଛନ୍ତି। ସେ ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ସ୍ୱର୍ଗତ ସାହୁ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ବେଶ ପରିଚିତ ଥିଲେ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ମେହେର, ଉପଦେଷ୍ଟା ଚେତରାମ ପଟ୍ଟନାୟକ, ଉଗ୍ରସେନ ବେହେରା, ବସନ୍ତ ପ୍ରଧାନ, ପ୍ରକାଶ ଚନ୍ଦ୍ର ସାହୁ, ନୟନ ମହାନ୍ତି, ସଦାନନ୍ଦ ପ୍ରଧାନ, ସରୋଜ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ଦେହୁରୀ, ପ୍ରସନ୍ନ ପ୍ରଧାନ, ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ମେଣ୍ଡିଲି, ରଶ୍ମିରଞ୍ଜନ ଡାଙ୍ଗ, ଦୁଃଶାସନ ସେଠୀ, ପୁଷ୍ପିତା ସାହୁ, ବାସନ୍ତୀ ଭୋକ୍ରା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ସହ ନୀରବ ପ୍ରାର୍ଥନା କରିଥିଲେ।

## ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

**ଶଗଡ଼ା, ୧୦।୧ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାର୍ଥନା ଗୃହରେ ୧୫ତମ ବାର୍ଷିକ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପରିଚାଳନା କମିଟିର ସଭାପତି ଅଗସ୍ତୀ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ୩୧ ତାରିଖରେ ସର୍ବସମ୍ମତି କ୍ରମେ ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସମ୍ପାଦକ ରଞ୍ଜିତ ରଣା ଗତବର୍ଷ ହୋଇଥିବା ବାର୍ଷିକ ଉତ୍ସବର ଆୟବ୍ୟୟ ଉପସ୍ଥାପନା କରିଥିଲେ। ଏହି ବର୍ଷ ଆହୁରୀ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତାବ ଗୃହିତ ହେଲା। ଆସନ୍ତା ୧୩ ତାରିଖରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ପାଇଁ ନିଷ୍ପତ୍ତି ନିଆଗଲା। ଉକ୍ତ ବୈଠକରେ ସମସ୍ତ ଗୁରୁଜୀ। ଗୁରୁମା, ପରିଚାଳନା କମିଟିର ସଦସ୍ୟ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋ ପରିଚାଳନା ତାଲିମ ଶିବିର

**ହରଭଙ୍ଗା, ୧୦।୧ (ସମିସ):** ହରଭଙ୍ଗା ବ୍ଲକ ଲୁଣିବାହାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଆନୁକୂଲ୍ୟରେ ଗୋ ପରିଚାଳନା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବୌଦ୍ଧ ଜିଲ୍ଲା ସମବାୟ ଦୁଗ୍ଧ ସଂଘ ସୌଜନ୍ୟତାରେ ତିନିଦିନ ଧରି ଏହି ଶିବିର ଚାଲି ୧୨ ତାରିଖରେ ସରିବ। ଆଜିର ଏହି ଶିବିରରେ ସୁପର୍ ଭାଇଜର ସନ୍ତୋଷ ମହାନ୍ତି, ବୌଦ୍ଧ ଦୁଗ୍ଧ ମାର୍ଗ ସୁପର୍ ଭାଇଜର ଅମୂଲ୍ୟ ଓଝା ଏବଂ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପୃଷ୍ଟି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଲୁଣିବାହାଲ ମହିଳା ଦୁଗ୍ଧ ସମବାୟ ସମିତ ର ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଗୋ ପାଳକ ଯୋଗ ଦେଇଥିବା ବେଳେ ଗୋ ପାଳନ, ଗାଈ ର ଯତ୍ନ ତଥା ଦୁଗ୍ଧ ସଂରକ୍ଷଣ ଉପରେ ଗୋ ପାଳକ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

**ବୀରମହାରାଜପୁର ଅଞ୍ଚଳରେ ଅର୍ପଣ ରଥ**

# ଭବ୍ୟ ସ୍ୱାଗତ ସହ ଗୁଆ ଓ ଅକ୍ଷତ ସମର୍ପଣ

**ସୁବଳୟା, ୧୦।୧ (ସମିସ)**



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଅବସରରେ ବୀରମହାରାଜପୁର ଅଞ୍ଚଳରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀଙ୍କ ସହ ବିଭିନ୍ନ ଅଧିକାରୀ ଉପସ୍ଥିତ ରହି ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରିଥିଲେ। ୧୦ଟି ରଥ ବ୍ଲକ ର ୧୫ ଟି ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ପରିକ୍ରମା କରାଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଉକ୍ତ ରଥ ପ୍ରତି ଗାଁରେ ପ୍ରତି ପଞ୍ଚାୟତରେ ପରିକ୍ରମା କରିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପ୍ରତ୍ୟେକ ଗ୍ରାମରେ ଶ୍ରଦ୍ଧାଳୁ ମାନେ ନିଜ ଘର ସମ୍ମୁଖରେ କଳସ ଓ ଦୀପ ବସାଇ ରଥକୁ ଆଧ୍ୟାତ୍ମିକ ପରିବେଶରେ ପୂଜାର୍ଚ୍ଚନା କରି ଅରୁଆ ଚାଉଳ ଓ ଗୁଆ ଜଗନ୍ନାଥ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ। ପରିକ୍ରମା ସମୟରେ ନାମ ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ରେ ରଥକୁ ଭାବ୍ୟ ସମ୍ବର୍ଦ୍ଧନା ଦେଉଥିବା ଦେଖିବାକୁ ମିଳିଛି। ଏଥିରେ ଗ୍ରାମର ବହୁ ମହିଳା ଓ ପୁରୁଷ, ସ୍ୱୟଂ ସହାୟକ ସଦସ୍ୟ ମାନେ ସାମିଲ ହୋଇଛନ୍ତି।

## ଲକ୍ଷ୍ମୀପ୍ରସାଦରେ ଅର୍ପଣ ରଥକୁ ସ୍ୱାଗତ

**ଜହ୍ନାପଙ୍କ, ୧୦।୧(ସମିସ):** ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ନେଇ ଆଜି ଲକ୍ଷ୍ମୀ ପ୍ରସାଦ ପଞ୍ଚାୟତର ମଝିଆଁଘରା ଭଗବତ ମନ୍ଦିରରୁ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ ହୋଇଯାଇଛି। ଭଗବତ ମନ୍ଦିରରୁ ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳକୁ ନାମ ସଂକୀର୍ତ୍ତନ୍ୟରେ ଅର୍ପଣ ରଥ ପାଖକୁ ଅଣାଯାଇ ସ୍ଥାପନ କରାଯାଇଥିଲା। ଅର୍ପଣ ରଥ ପାଖରେ ଦୀପ ପ୍ରଜ୍ୱଳନ, ନଡିଆ ଭାଙ୍ଗି ପୂଜାର୍ଚ୍ଚନା କରାଯାଇ ଶୁଭାରମ୍ଭ କରାଯାଇଥିଲା। ଏହି ରଥକୁ ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ ଶୁଭ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶରତ ପୁରୋହିତ, ଯୋଗାଣ ସହାୟକ ଚିତ୍ତ ରଞ୍ଜନ ସାହୁ, ସ୍ୱୟ ସହାୟକ ଗୋଷ୍ଠୀ, ସମସ୍ତ ୱାର୍ଡର ୱାର୍ଡମେମ୍ବର ଉପସ୍ଥିତ ଥିଲେ। ଏହା ପରେ ଗୁଡ଼ିଆଳି, ନାରାୟଣ ନଗର, ଜଗତି, ଡୁମ୍ବୁରିବେଡା, କୌଡ଼ିଆତୋଲା, ସାପଦୋହଲି, ବାଘପାଲି ଗ୍ରାମ ପରିକ୍ରମା କରିଥିବାବେଳେ ଶ୍ରଦ୍ଧାଳୁ ମାନେ ନିଜ ଘର ସମ୍ମୁଖରେ କଳସ ଓ ଦୀପ ବସାଇ ରଥକୁ ପୂଜାର୍ଚ୍ଚନା କରି ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ। ପରିକ୍ରମା ସମୟରେ ନାମସଙ୍କୀର୍ତ୍ତନ୍ୟ, ହରିବୋଲ, ହୁଳହୁଳିରେ ରଥକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶହ ଶହ ମହିଳା ଓ ପୁରୁଷ ଭକ୍ତ ଏଥିରେ ସାମିଲ ହୋଇଥିଲେ। ସଂଗୃହିତ ଏହି ଗୁଆ ଓ ଚାଉଳକୁ ଆସନ୍ତା ୧୭ ତାରିଖରେ ପୁରୀରେ ହେବାକୁ ଥିବା ପରିକ୍ରମା ପ୍ରକଳ୍ପରେ ପୂଜାରେ ଲଗାଯିବ।



# 'ଜୟ ଜଗନ୍ନାଥ' ଧ୍ୱନିରେ କମ୍ପିଲା ତରଭା ସହର

**ତରଭା, ୧୦।୧(ସମିସ) :** ତରଭା ସହର ଆଜି ଜୟ ଜଗନ୍ନାଥ ଧ୍ୱନି ରେ ପ୍ରକମ୍ପିତ ହୋଇଥିଲା। ତରଭା ସହରରେ ଆଜି ଜଗନ୍ନାଥ ଅର୍ପଣ ରଥ ର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ କୁ ତରଭା ଜଗନ୍ନାଥ ମନ୍ଦିର ସମ୍ମୁଖରେ ପୁଜାରୀ ସଞ୍ଜୟ ମିଶ୍ରଙ୍କ ପୂଜାର୍ଚ୍ଚନା ପରେ ଉପ ନଗରପାଳ ଗଗନ କୁମାର ଅଗ୍ରୱାଲ କଳସ ଆଗରେ ନଡ଼ିଆ ବାଡ଼େଇ ଶୁଭାରମ୍ଭ କରିଥିଲେ। ଏହି ଜଗନ୍ନାଥ ଅର୍ପଣ ରଥ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ବାହାରି ରଥପଡ଼ା ଛକ, ନୁଆପଡ଼ା ଛକ, ତସାପଡ଼ା, ମାଳିପଡ଼ା ଦେଇ ବ୍ଲକ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅର୍ପଣ ରଥ କୁ ରାସ୍ତାରେ ଲୋକମାନେ କଳସ ବସାଇ ଦୀପ ଜାଳି ସ୍ୱାଗତ କରିବା ସହିତ ଜଗନ୍ନାଥଙ୍କ ଉଦ୍ଦେଶ୍ୟ ରେ ଚାଉଳ ଓ ଗୋଟିଏ ଲେଖାଏଁ ଗୁଆ ଅର୍ପଣ କରିଥିଲେ । ଏଥିରେ ଦୁଇ ଗୋଟି କିର୍ତ୍ତନ୍ୟ ଦଳ କିର୍ତ୍ତନ୍ୟ କରି ଯାଉଥିବା ସହିତ ଘଣ୍ଟ, ଘଣ୍ଟା, ହରିବୋଲ ହୁଳହୁଳି ରେ ଅଞ୍ଚଳ ପ୍ରକମ୍ପିତ ହେବା ସହିତ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏଥିରେ ଉପ ନଗରପାଳ ଗଗନ କୁମାର ଅଗ୍ରୱାଲଙ୍କ ସହିତ ମଧୁସୂଦନ ପାଣ୍ଡେ, ସୁବାସ ସେଠୀ, ବିଦ୍ୟାଧର ଦେହେରି, ସନ୍ତୋଷ ମେହେର ଓ କୃଷ୍ଣ ସାହୁଙ୍କ ସମେତ ଶତାଧିକ ଜଗନ୍ନାଥ ପ୍ରେମୀ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି ରଥ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦର ୧୨ ଗୋଟି ୱାର୍ଡ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଥିବା ଉପ ନଗରପାଳ ଶ୍ରୀ ଅଗ୍ରୱାଲଙ୍କ ଠାରୁ ପ୍ରକାଶ। ଏଥିରେ ଜନାର୍ଦ୍ଦନ ଥନାପତି ଙ୍କ ସହିତ ଏନ୍ ଏ ସି କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



## ମନ୍ତ୍ରୀଙ୍କଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ବୌଦ୍ଧ, ୧୦।୧ (ସମିସ):** ପୂର୍ତ୍ତବିଭାଗ ପକ୍ଷରୁ ପନଖିମାଲ କାଶିଆବସା ଠାରେ ବୁଟୁପାଲି-ବଘିଆପଡ଼ା ରାସ୍ତାର ୧୦/୧୫୦ କି.ମି ଠାରେ ସୁଉଚ୍ଚ ସେତୁ (ବକ୍ସ କଲଭର୍ଟ) ନିର୍ମାଣ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ପଞ୍ଚାୟତିରାଜ ଓ ପାନୀୟ ଜଳ, ଜଙ୍ଗଲ ଓ ପରିବେଶ ତଥା ଜଳବାୟୁ ପରିବର୍ତ୍ତନ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ କରକମଳରେ ସ୍ଥାପନ ହୋଇଯାଇଛି। ଏହି ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାତ କୁମାର ଦାସ, ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ଇଂ. ନରେଶ କୁମାର ବାରିକ, ସମବାୟ ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ, ଅଶୋକ କୁମାର ମେଣ୍ଡଲି, ସୀତାଂଶୁ କୁମାର ମହାକୁଳ, କମ୍ପଧର କ୍ଷେତୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜଳସେଚନ ବିଭାଜନ ତରଫରୁ ମନ୍ତ୍ରୀଙ୍କ ଦ୍ୱାରା ସାଲୁଙ୍କି ଦକ୍ଷିଣ ମୁଖ୍ୟ କେନାଲ ଆରଡି ୦୦ମିଟର ଠାରୁ ଆରଡି ୬୯୦୦ମିଟର ମଧ୍ୟରେ କେନାଲ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ ହୋଇଯାଇଛି।

## ଗୁଆବାହାଲରେ ଚାଷୀ ବୈଠକ

**ମନମୁଣ୍ଡା, ୧୦।୧ (ସମିସ):** କଣ୍ଟାମାଳ ବ୍ଲକ ପଲସାଗୋରା ପଞ୍ଚାୟତ ଗୁଆବାହାଲଠାରେ ଏକ ଚାଷୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଘ୍ନରାଜ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକ ରେ ଚାଷୀ ନେତା ଶ୍ରୀକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କମଘାଟରେ ସ୍ଥାପିତ ମେଗା ଉଠା ଜଳସେଚନ ପଏଣ୍ଟ ରୁ ଗୁଆବାହାଲ ର ତିନୋଟି ପାଣିପଞ୍ଚାୟତ ପଏଣ୍ଟକୁ ଜଳ ସେଚନ ର ସଂଯୋଗ ଦିଆ ଯାଇଛି। ସଂଯୋଗ ଦେବା ଦିନଠାରୁ ଉକ୍ତ ତିନି ପଏଣ୍ଟ କୁ ବୁନ୍ଦାଏ ହେଲେ ପାଣି ଆସୁ ନାହିଁ। ଅନ୍ୟପକ୍ଷରେ କହିବାକୁ ଗଲେ ପଏଣ୍ଟ, ଆନୁଷଙ୍ଗିକ ସମସ୍ତ ସୁବିଧା ଥିବା ସତ୍ତ୍ୱେ ଚାଷୀମାନେ ପାଣି ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଏ ନେଇ ବୈଠକରେ ସମସ୍ତ ଚାଷୀ କ୍ଷୋଭ ପ୍ରକାଶ କରିଥିଲେ। ପାଣି ନ ପାଇ ଚାଷୀମାନେ ମରୁଡ଼ିର ସମ୍ମୁଖୀନ ହେବାକୁ ପଡୁଛି। ତୁରନ୍ତ ସେମାନଙ୍କ ତିନି ପଏଣ୍ଟ କୁ ଜଳ ଯୋଗାଇ ନ ଦେଲେ ଚାଷୀ ନେତା ଶ୍ରୀକାନ୍ତ ମିଶ୍ର ଙ୍କ ନେତୃତ୍ୱରେ ସମସ୍ତ ଚାଷୀ ରାଜରାସ୍ତା କୁ ଓହ୍ଲାହି ଆନ୍ଦୋଳନ କରିବାକୁ ବୈଠକ ରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।ସଭା ପରିଚାଳନା କରିଥିଲେ ଜ୍ୟୋତି ରଣା ଏବଂ ଧନ୍ୟବାଦ୍ ଅର୍ପଣ କରିଥିଲେ ଅର୍ଜ୍ଜୁନ ରଣା।

## ମୃତ୍ୟୁର ବର୍ଷେ ପରେ ମଧ୍ୟ ପରିବାରକୁ ମିଳୁନି ସହାୟତା ରାଶି

**ସୁବଳୟା, ୧୦।୧ (ସମିସ) :** ବୀରମହାରାଜପୁର ବ୍ଲକ ଜଟେସିଂହା ଗ୍ରାମର ଶ୍ରୀମତୀ ପାଣ୍ଡେ ଗତ ବର୍ଷ ଡିସେମ୍ବର ମାସରେ ମୃତ୍ୟୁ ବରଣ କରିଥିଲେ। ସେ ନିର୍ମାଣ ଶ୍ରମିକ ଯୋଜନାରେ ପଞ୍ଜୀକୃତ ହୋଇଥିଲେ। ମାଁ 'ର ମୃତ୍ୟୁ ପରେ ମୃତ୍ୟୁକାଳୀନ ସହାୟତା ରାଶି ପାଇଁ ବଡ ପୁଅ ବିନୋଦ ପାଣ୍ଡେ ଆବଶ୍ୟକୀୟ କାଗଜପତ୍ର ସହ ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା ହିତାଧିକାରୀଙ୍କ ବାସଭବନ କୁ ଯାଇ ସମସ୍ତ ପ୍ରମାଣ ପତ୍ର ଯାଞ୍ଚ କରିବା ସହ ଖୁବ ଶୀଘ୍ର ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ସହାୟତା ରାଶି ମିଳି ନ ମିଳି ନଥିବା ଅଭିଯୋଗ କରିଛନ୍ତି। ଉକ୍ତ ସହାୟତା ରାଶି ପ୍ରଦାନ କଲେ ମା'ଙ୍କ ଚିକିତ୍ସା ଖର୍ଚ୍ଚ ପାଇଁ ସୁଧରେ ଆଣିଥିବା ୪ ଲକ୍ଷ ୩୦ ହଜାର ଟଙ୍କା ଭରଣ କରିବେ ବୋଲି ପୁଅ ଶ୍ରୀ ପାଣ୍ଡେ କହିଛନ୍ତି। ସେ ଜଣେ ଅତ୍ୟନ୍ତ ଗରିବ ପରିବାର ଅଟନ୍ତି, ମା ର ଚିକିତ୍ସା ପାଇଁ ଜମି ବାଡ଼ି ବନ୍ଧକ କରିବା ସହ ହାତ ଉଧାରି ଟଙ୍କା ଆଣି ଚିକିତ୍ସା କରିଥିଲେ। ଉକ୍ତ ଘଟଣା ସମ୍ପର୍କରେ ଜିଲ୍ଲା ଶ୍ରମ ଅଧିକାରୀ ଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସମ୍ଭବପର ହୋଇନ ଥିବାରୁ କୌଣସି ପ୍ରତିକ୍ରିୟା ମିଳି ପାରି ନାହିଁ।

## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'




**ମ.ରାମପୁର, ୧୦।୧(ସମିସ):** ଆଜି କଳାହାଣ୍ଡି ଜିଲ୍ଲା ମ.ରାମପୁରସ୍ଥିତ ଦୁର୍ଗା ମାଧବ ହାଇସ୍କୁଲ ଖେଳ ପଡ଼ିଆ ଠାରେ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ଥାନୀୟ ଡୋକରୀ ମନ୍ଦିର ରୁ ଏକ ମଶାଲ ଶୋଭାଯାତ୍ରା ବୀରବାଦ୍ୟ ଘୁମୁରା ର ତାଳେତାଳେ ସହର ପରିକ୍ରମା କରିଥିଲା।ପରେ ଏକ ସଭା ଆୟୋଜନ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଭୁପିନ୍ଦର ସିଂହ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ମ.ରାମପୁର ବ୍ଲକ ଅଧକ୍ଷା ମନ୍ଦାକିନୀ ସିଂହଦେଓ, ବିଡ଼ିଓ ସବ୍ୟସାଚୀ ବେହେରା, ତହସିଲଦାର ସୁଧାକର ରଇତି, ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ ସଭ୍ୟା ମାନଙ୍କୁ ମୁଁଖ୍ୟଅତିଥି ଉପଢୌକନ ଦେଇ ସମ୍ମାନୀତ କରିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇଥିଲା। ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନରଲା ବିଧାୟକ ଭୁପିନ୍ଦର ସିଂହ ସମ୍ମାନୀତ ଅତିଥି ଭାବେ ପୁଷ୍ପେନ୍ଦ୍ର ସିଂହଦେଓ, ବ୍ଲକ ଅଧକ୍ଷା ମନ୍ଦାକିନୀ ସିଂହଦେଓ, ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ମ.ରାମପୁର ସରପଞ୍ଚ ବୀଣାପାଣି ସାହୁ, ତହସିଲଦାର ସୁଧାକର ରିଇତି, ମୁଖ୍ୟ ବକ୍ତା ଉମେଶ ଚନ୍ଦ୍ର ଶତପଥୀ, ଭାବେ ଶତପଥୀ, ଯୋଗ ଦେଇଥିବା ବେଳେ ବିଡ଼ିଓ ସବ୍ୟସାଚୀ ବେହେରା ପୌରୋହିତ୍ୟ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ସଂଧ୍ୟା ରେ ବିଭିନ୍ନ ଜିଲ୍ଲା ରୁ ଆସିଥିବା ସାଂସ୍କୃତିକ ଦଳ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ହେମନ୍ତ ସାହୁ, ଶିବ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ପ୍ରଶାନ୍ତ ସାମନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ନେତା ବିକାଶ ରଞ୍ଜନ ସିଂହଦେଓ, ପ୍ରଦୀପ ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ସାହୁ, ଗୋବିନ୍ଦ ଶତପଥି, ପ୍ରେମ ସାଗର ନାୟକ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଜଟେସିଂହାରେ ପାନୀୟ ଜଳଯୋଗାଣ ବନ୍ଦ

**ସୁବଳୟା, ୧୦।୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଂହା ଗ୍ରାମରେ ପିଇବା ପାଣିର ଘୋର ସମସ୍ୟା ଦେଖାଦେଇଛି। ଗାଁ 'କୁ ବିଶୁଦ୍ଧ ପାଣି ଯୋଗାଇ ପାଇଁ ହରିହର ଜୋର ଠାରେ ବହୁ ବର୍ଷ ହେବ ଲକ୍ଷାଧିକ ଟଙ୍କା ବ୍ୟୟରେ ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଇ ଆସୁଅଛି। ଉକ୍ତ ଗ୍ରାମରେ ୪୦୦୦ ରୁ ଉର୍ଦ୍ଧ ଜନସଂଖ୍ୟା ରହିଛନ୍ତି। ପିଇବା ପାଣି ପାଇଁ ଏହି ପ୍ରକଳ୍ପ ଉପରେ ନିର୍ଭର କରିଥାନ୍ତି।



ଗତ ବନ୍ୟା ପର ଠାରୁ ଉକ୍ତ ପ୍ରକଳ୍ପ ବନ୍ଦ ରହିଛି। ଫଳରେ ଲୋକେ ସ୍ଥାନୀୟ ପୋଖରୀ ଓ ଖୋଲା କୂପରୁ ଅସୁରକ୍ଷିତ ଓ ବିଶୁଦ୍ଧ ପାନୀୟ ଜଳ ପିଇବା ପାଇଁ ବାଧ୍ୟ ହେଉଛନ୍ତି। ବିଶୁଦ୍ଧ ପାନୀୟ ଜଳ ପିଇ ଗ୍ରାମର ଅନେକଲୋକ ଙ୍କ ଦେହରେ ଚର୍ମରୋଗ ଦେଖାଦେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀଙ୍କୁ ଉକ୍ତ ସମସ୍ୟା ଉପରେ ସ୍ଥାନୀୟ ଗ୍ରାମବାସୀ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟା ହୋଇନାହିଁ। ଯାହା ଫଳରେ ଗ୍ରାମବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଗ୍ରାମର ଜନସାଧାରଣ ଜିଲ୍ଲାପାଳ ଅଭିଯୋଗ ଶୁଣାଣୀ ଶିବିର ଲିଖିତ ଭାବେ ଜଣାଇ ଥିଲେ। ଏବଂ ଅଧିକାରୀ ଖୁବ୍ ଶୀଘ୍ର ମରାମତି ହେବ ବୋଲି କଥାକୁ ହାଲୁକା ଭାବେ ଗ୍ରହଣ କରିଥିଲେ। କାର୍ଯ୍ୟାଳୟ ଜଣେ କର୍ମଚାରୀ କହିବା ଅନୁସାରେ ରାସ୍ତା ପ୍ରସ୍ତୁତିକରଣ ଯୋଗୁଁ ଉକ୍ତ ରାସ୍ତା ଉପରେ ପୋତା ଯାଇଥିବା ପାଇବ ନଷ୍ଟ ହୋଇଥିବା ଯୋଗୁ ପାଣି ଚଳାଚଳ ରେ ବାଧା ସୃଷ୍ଟି ହେଉଛି। ଏ ନେଇ ଜିଲ୍ଲା ପରିମଳ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀ ଙ୍କୁ ଯୋଗାଯୋଗ କରାଯିବାରୁ ଫୋନ ଲାଗିନଥିଲା ଯାହା ଫଳରେ ତାଙ୍କର ମତାମତ ମିଳି ପାରି ନାହିଁ। ଜିଲ୍ଲା ପ୍ରଶାସନ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ପ୍ରକଳ୍ପ ତୁରନ୍ତ ମରାମତି ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଛାତ୍ରୀଙ୍କ ସରକାରୀ ବହୁବୃତ୍ତି ଶିକ୍ଷାନୁଷ୍ଠାନ ପରିଦର୍ଶନ

**ବୌଦ୍ଧ, ୧୦।୧ (ସମିସ):** ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲଙ୍କ ତତ୍ତ୍ୱାବଧାନରେ ଧନ୍ଦାମୂଳକ ଶିକ୍ଷାର ନବମ ଓ ଦଶମ ଶ୍ରେଣୀର ଛାତ୍ରୀମାନେ ପ୍ରଶିକ୍ଷକ ଚିନ୍ମୟ କୁମାର ପଥିମାଳୀ, ହେମନ୍ତ କୁମାର ସାହୁ ଓ କନକ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାରୀ ବହୁବୃତ୍ତି ଶିକ୍ଷା ଅନୁଷ୍ଠାନକୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ସେଠାରେ ଛାତ୍ରୀମାନେ ସମସ୍ତ ବିଭାଗ ବୁଲିବା ସହ ବିଭିନ୍ନ ମୋଟର, ଅଗ୍ନି ନିର୍ବାପକ ଯନ୍ତ୍ର, ପି.ପି.ଇ କିଟ୍, କମ୍ପ୍ରେସର ଇତ୍ୟାଦି ଉପରେ ଜ୍ଞାନ ଆହରଣ କରିଥିଲେ। ବହୁବୃତ୍ତି ଶିକ୍ଷା ଅନୁଷ୍ଠାନ ଅଧକ୍ଷ ଡ. ଲକ୍ଷ୍ମୀଧର ଜେନା ଛାତ୍ରୀଙ୍କୁ ବହୁବୃତ୍ତି ଶିକ୍ଷାର ଉପକାର ଓ ଭବିଷ୍ୟତ ତଥା ନିଯୁକ୍ତି ବିଷୟରେ ଛାତ୍ରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଛାତ୍ରୀମାନେ ଖୁବ ଆନନ୍ଦର ସହ କ୍ଷେତ୍ର ପରିଦର୍ଶନରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




# ଚର୍ଚ୍ଚାରେ ସଫ୍ଟୱେର ଇଂଜିନିୟରଙ୍କ ନିରାଡମ୍ବର ଜୀବନଚର୍ଯ୍ୟା

**ସୋନପୁର, ୧୦।୧(ସମିସ)**

ଇଂଲଣ୍ଡରେ ଚାକିରି କରୁଥିବା ଜଣେ ସଫ୍ଟୱେର ଇଂଜିନିୟରଙ୍କ ନିରାଡମ୍ବର ଜୀବନଯାପନ ଶୈଳୀ ପ୍ରକୃତରେ ପ୍ରେରଣା ଦାୟକ। ସୋନପୁର କୁମ୍ଭାରପଡ଼ାର ସୁରୁବାବୁ ରଣା ଲଣ୍ଡନରେ ଟିସିଏସ୍ କମ୍ପାନୀରେ ସଫ୍ଟୱେର ଇଂଜିନିୟର ଭାବେ କାର୍ଯ୍ୟରତ। ସେ ମାସକୁ ୩ ଲକ୍ଷରୁ ଅଧିକ ଦରମା ପାଆନ୍ତି। ତେବେ ସୋନପୁର ଆସିଲେ ସେ କୌଣସି ବାଇକ୍ କିମ୍ବା କାର୍‌ରେ ବୁଲନ୍ତି ନାହିଁ। ବରଂ ତାଙ୍କ ସ୍କୁଲ୍ ସମୟର ସାଇକଲ୍ ଧରି ସୋନପୁର ସହରରେ ବୁଲି ବାହାରନ୍ତି। ସୁରୁବାବୁଙ୍କୁ ଏନେଇ ପଚାରିଲେ କୁହନ୍ତି ଯେଉଁ ସାଇକଲ୍ ମାଡି ମାଡି ସେ ଜୀବନରେ ବହୁ ସଂଘର୍ଷ କରି ସଫଳତା ପାଇଛନ୍ତି। ସେ ସାଇକଲକୁ ସେ କେମିତି ଭୁଲିବେ। ଲଣ୍ଡନରେ ବି ଏହି ସାଇକଲ୍‌କୁ ମୁଁ ବହୁତ ମିସ୍ କରେ ବୋଲି ସୁରୁବାବୁ କହିଛନ୍ତି। ଟିସିଏସ୍ କମ୍ପାନୀର ସଫ୍ଟୱେର ଇଂଜିନିୟର ସୋନପୁରରେ ସାଇକଲରେ ବୁଲୁଥିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

### ସ୍କୁଲ୍ ସମୟର ସାଇକଲ ପ୍ରତି ରହିଛି ଦୁର୍ବଳତା

ତେବେ ଏହି ସାଇକଲ ପଛରେ ମଧ ଏକ କାହାଣୀ ଲୁଚି ରହିଥିବା ସୁରୁବାବୁ କହିଛନ୍ତି। ତାଙ୍କ ବାପା ଫଗୁନୁ ରଣା ୧୯୭୨ ମସିହାରେ ବଡବଜାର ଦୁର୍ଗାପୂଜା କମିଟି ତରଫରୁ ଅନୁଷ୍ଠିତ ଲଟେରୀରେ ବିଜେତା ଭାବେ ପାଇଥିଲେ। ସାଇକଲକୁ ୫୨ ବର୍ଷ ହେଲାଣି। ପାଠ ପଢ଼ିଯିବା ପାଇଁ ସୁରୁବାବୁଙ୍କୁ ଏକ ସାଇକଲର ଆବଶ୍ୟକତା ଥିବା ବେଳେ ବାପା ଏହି ସାଇକଲଟି ଦେଇଥିଲେ। ପ୍ରାୟ ୨୭-୨୮ ବର୍ଷ ହେଲା ଏହି ସାଇକଲକୁ ସେ ଅତି ଯତନରେ ରଖିଛନ୍ତି। ଛୋଟ ସମୟରୁ ନିଜ ମାଙ୍କୁ ହରାଇ ଥିବା ସୁରୁବାବୁଙ୍କ ପଢ଼ା ସମୟ ଅତି ଦୁଃଖ କଷ୍ଟରେ କଟିଛି। ଆର୍ଥିକ ସମସ୍ୟା ଯୋଗୁଁ ୭ ଭାଇ ଏବଂ ଦୁଇ ଭଉଣୀଙ୍କ ମଧ୍ୟରେ ଏମ୍‌ସିଏ ପଢ଼ିବା ତାଙ୍କ ପାଇଁ ଖୁବ୍ କଷ୍ଟସାଧ୍ୟ ଥିଲା। ସବୁ ବାଧାବିଘ୍ନକୁ ଏଡାଇ ସଂଘର୍ଷକୁ ସଫଳତାରେ ପରିଣତ କରି ଦେଇଥିଲେ ସୁରୁବାବୁ। ପାଞ୍ଚ ବର୍ଷ ହେଲା ଲଣ୍ଡନରେ ପରିବାର ସହିତ ରହୁଛନ୍ତି। ତାଙ୍କ ପୁଅ ସୁନାମଧନ୍ୟ ଓରଚାର୍ଡ ପବ୍ଲିକ୍ ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର। ଆମେ ଯେତେ ଉପରକୁ ଗଲେ ମଧ ମୂଳକୁ ଭୁଲି ଯିବା ଉଚିତ ନୁହେଁ ବୋଲି ସୁରୁବାବୁ କହିଛନ୍ତି।



# ଯୁବକଙ୍କ ମୃତଦେହ ଉଦ୍ଧାର

**ବଲାଙ୍ଗିର, ୧୦।୧(ସମିସ):** ଭଡ଼ାଘରୁ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ ଯୁବକ ଜଣକ ହେଲେ ପୁଇଁନ୍ତଲା ଥାନା ସିଲେଟପଡ଼ାର ମିଳନ କୁମ୍ଭାର(୩୫)। ମିଳନ ସହରରେ ଭଡାରେ ରହି ଶ୍ରମିକ ଭାବେ କାମ କରୁଥିବା ଜଣାପଡ଼ିଛି। ସୂଚନା ଅନୁସାରେ ବୁଧବାର ସନ୍ଧ୍ୟାରେ ମିଳନ ନିଜ ସାଲେପାଲିସ୍ଥିତ ଏକ ଭଡାଘରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଥିଲା। ମିଳନ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଚାପଗ୍ରସ୍ତ ହୋଇ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ଟ୍ରକ୍ ଧକ୍କାରେ ଶିଶୁପୁତ୍ର ମୃତ, ବାପା ଓ ଜେଜେ ମା' ଗୁରୁତର

**ନୂଆପଡ଼ା, ୧୦।୧(ସମିସ) :** ନୂଆପଡ଼ା ଜିଲ୍ଲା ସଦର ଥାନା ଧାମନପୁରୀ ଗାଁ ନିକଟ ଜାତୀୟ ରାଜପଥ ୩୫୩ରେ ବାଇକକୁ ଏକ ଟ୍ରକ ଧକ୍କା ଦେବା ଫଳରେ ଏଥିରେ ବସିଥିବା ୫ ବର୍ଷର ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ବେଳେ ବାପା ଓ ଜେଜେ ମା ଗୁରୁତର ଆହତ ହୋଇଛନ୍ତି। ମୃତକ ଶିଶୁ କାଣ୍ଡେତରା ଗାଁର ହିତେଶ ସାହୁ(୫) ଓ ଗୁରୁତର ବାପା କାହ୍ନୁଲାଲ ସାହୁ(୩୫) ଓ ଜେଜେ ମା ରାମଶିଳା ସାହୁ(୬୫)। ବିବରଣୀ ମତେ ବୁଧବାର ମଧ୍ୟାହ୍ନରେ କାଣ୍ଡେତରା ଗାଁର କାହ୍ନୁଲାଲ ଓ ପୁଅ ହିତେଶ କୌଣସି କାମରେ ଖରିଆରରୋଡ଼କୁ ଏକ ବାଇକରେ ଯାଇଥିଲେ। ସେଠାରୁ କାହ୍ନୁଲାଲଙ୍କ ଭାଇଙ୍କ ଶାଶୁ ରାମଶିଳାଙ୍କୁ ଧରି କାଣ୍ଡେତରା ଗାଁକୁ ଫେରୁଥିଲେ। ଜାତୀୟ ରାଜପଥ ୩୫୩ ଧାମନପୁରୀ ଗାଁ ଛକ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଦ୍ରୁତଗତିରେ ଆସି ବାଇକକୁ ପଛପଟୁ ଧକ୍କା ଦେଇ ଚାଲି ଯାଇଥିଲା। ଏଥିରେ ବାଇକ ଆରୋହୀ ମାନେ ଛିଟିକି ପଡ଼ିଥିଲେ। ଶିଶୁ ହିତେଶ ଟ୍ରକ ଚକ ତଳେ ପଶିଯାଇଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବାପା କାହ୍ନୁଲାଲ ଓ ଜେଜେ ମା ରାମଶିଳା ଛିଟିକି ଯାଇ ଗୁରୁତର ଆହତ ହୋଇଛନ୍ତି। ଏହି ଖବର ପାଇ ନୂଆପଡ଼ା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶିଶୁଙ୍କ ମୃତଦେହକୁ ଜବତ କରିବା ସହ ବାପା ଓ ଜେଜେ ମା'ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।ଏହି ଦୁର୍ଘଟଣାରେ କାହ୍ନୁଲାଲ ଓ ରାମଶିଳାଙ୍କ ଗୋଡ ଭାଙ୍ଗିବା ସହ ଦେହ ଓ ମୁହଁରେ କ୍ଷତ ଲାଗିଛି। ପୁଲିସ ତନାଘନା ତଦନ୍ତ ଚଲାଇଥିବା ପ୍ରକାଶ।

# ବରିଷ୍ଠ ଆଇନଜୀବୀ ବିଜୟ ମିଶ୍ରଙ୍କ ପରଲୋକ

**କାଣ୍ଟାବାଞ୍ଜି, ୧୦।୧(ସମିସ):**କଣ୍ଟାବାଞ୍ଜି ବରିଷ୍ଠ ଆଇନଜୀବୀ ବିଜୟ କୁମାର ମିଶ୍ରଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ଶେଷଶଯ୍ୟା ନିକଟରେ ପୁଅ ଦେବାଶିଷ, ଶୁଭାଶିଷ ଝିଅ ଶିବାନି, ଲିନୁ ଏବଂ ଅନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ କଣ୍ଟାବାଞ୍ଜିରେ ଶୋକର ଛାୟା ଖେଳିଯାଇଛି। ବ୍ରାହ୍ମଣ



ସମାଜ ପକ୍ଷରୁ ସଭାପତି ଓ ଉପ ସଭାପତି ପହଞ୍ଚି ପରିବାରବର୍ଗଙ୍କୁ ଶାନ୍ତ୍ୱନା ଦେଇଥିଲେ। ଅପରାହ୍ନ ୫ଟା ବେଳେ ନୂଆପଡ଼ାସ୍ଥିତ ବାସଭବନରୁ ଅନ୍ତିମ ସଂସ୍କାର ପାଇଁ ସହର ଶତାଧିକ ବ୍ୟକ୍ତି ଏକ ଶୋଭାଯାତ୍ରାରେ ବାହାରି ଶ୍ମଶାନ ଘାଟ ପର୍ଯ୍ୟନ୍ତ ଯାଇଥିଲେ। ବଡ଼ ପୁଅ ଦେବାଶିଷ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମିଶ୍ର ସାଂସୃତିକ ଅନୁଷ୍ଠାନ ପ୍ରତିଧ୍ୱନୀର ପ୍ରତିଷ୍ଠାତା ସଭାପତି, କେ ଭି କଲେଜର ପ୍ରତିଷ୍ଠାତା ସମ୍ପାଦକ, ଓକିଲ ସଂଘର ସଭାପତି, ବ୍ରାହ୍ମଣ ସମାଜର ସଭାପତି ଥିବା ସହ ଅନେକ ଅନୁଷ୍ଠାନ ସହ ଜଡିତ ଥିଲେ। ସେ ଜଣେ ପ୍ରକୃତି ଓ ସଂସ୍କୃତି ପ୍ରେମୀ ଥିବା ସହ ସାହିତ୍ୟ ଅନୁରାଗୀ ଥିଲେ। ପୂର୍ବତନ ବିଧାୟକ ଆୟୁବ ଖାଁ, ଛାଜୁରାମ ଶର୍ମା, ଅମରଚନ୍ଦ ଶର୍ମା, ଜଗନାଥ ଠାକୁର, ମୋହନ ଶର୍ମା, ସମିମ ଖାଁ, ଜଗୁ ରାଓ, ବ୍ରଜଶ୍ୟାମ ଗୁରୁ, ସଞ୍ଜୟ ମିଶ୍ର, ନରୋତ୍ତମ ପଣ୍ଡା, ଜଗନ୍ନାଥ ନାୟକ, ଶେଷଦେବ ପୁଟେଲ, କାହ୍ନୁ ବୋହିଦାର, ବିନୟ ଦାସ, ଲିଙ୍ଗ ସିପକା, ରାମ ମିଶ୍ର, ମନୋଜ ଠାକୁର, ନିଶୀକାନ୍ତ ମହାପାତ୍ର, ଛୋଟୁ ଖାଁ, ସଞ୍ଜୟ ପାଣ୍ଡା, ନିଲୁ ଦାସ, ବିଷ୍ଣୁ ଶର୍ମା, ଚିନ୍ମୟ ଯୋଶୀ, ସନ୍ତୋଷ ପ୍ରଧାନ, ଅଜୟ ଅଗ୍ରୱାଲଙ୍କ ସହ ଶତାଧିକ ବ୍ୟକ୍ତି ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଘାଟିତ

# ଅଞ୍ଚଳର କଳା, ସଂସ୍କୃତିକୁ ପ୍ରସ୍ଫୁଟିତ କରୁଛି ମହୋତ୍ସବ

**କୋକସରା, ୧୦।୧(ସମିସ)**

କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପର୍ବ କଳାହାଣ୍ଡି ଉତ୍ସବ। ଲୁଚିରହିଥିବା ଲୋକ ସଂସ୍କୃତି ଭାବଧାରାକୁ ଲୋକଲୋଚନକୁ ଆଣିଥାଏ କଳାହାଣ୍ଡି ଉତ୍ସବ 'ଘୁମୁରା'। କୋକସରା ବ୍ଲକ ସଦର ମହକୁମା ସ୍ଥିତ ଗୁଡହାଣ୍ଡି ମଞ୍ଚରେ ବୁଧବାର ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ୨୦୨୪ ଉଦଘାଟିତ ହୋଇଛି। କଳାହାଣ୍ଡିର ଆରାଧ୍ୟ ଦେବତା ଆମପାଣିର ବୁଢ଼ାରଜା ଦେବ, ମହିମାର ବସ୍ତରେନ ମାଉଁଳୀ, ଲଡୁଗାଁରୁ ଶୀତଳା ଦେବୀ, ଚିଲିଗୁଡାର ମା' ସର୍ବମମଙ୍ଗଳା ଦେବୀ ଓ କୋକସରାର ମା' ଠାକୁରାଣୀ ମନ୍ଦିରରୁ ମଶାଲ ଏକତ୍ରିତ ହେବାପରେ ସ୍ଥାନୀୟ ବସଷ୍ଟାଣ୍ଡ ନିକଟରୁ ପାରମ୍ପରିକ ବାଦ୍ୟ କୋଟପାଡ଼ର ମାଡିଆ ନାଚ, ଘଣ୍ଟଦଳ, ସଂକିର୍ତ୍ତନ ଦଳ, ମାଦଳି, ବନାବାଡି ସହ ଆଦିବାସୀ ବେଶଭୂଷାରେ ବିଭିନ୍ନ ନୃତ୍ୟଦଳ ସାମିଲ ହୋଇ ଦେବାଦେବୀଙ୍କ ମଶାଲକୁ ଉତ୍ସବ ପଡ଼ିଆର ଗୁଡହାଣ୍ଡି ମଞ୍ଚକୁ ପାଛେଟି ନେଇଥିଲେ। ବ୍ଲକ ଅଧକ୍ଷା ରୀତା ଅଗ୍ରୱାଲଙ୍କ ଅଧକ୍ଷତାରେ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଯୋଗଦେଇ ଗୁଡହାଣ୍ଡି ମଞ୍ଚ ଉଦଘାଟନ କରିବା ସହ ଜିଲ୍ଲାସ୍ତରୀୟ ଉତ୍ସବ ଠାରୁ ମଧ୍ୟ କୋକସରାର କଳାହାଣ୍ଡି ଉତ୍ସବ ସୁନ୍ଦର ଓ ଭିନ୍ନତା ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଧର୍ମଗଡ଼ ବିଧାୟକ ମୌଷଧୀ ବାଗ, ଗୋଷ୍ଠି ଉନ୍ନୟନ ଅଧିକାରିଣୀ ସ୍ନେହପ୍ରଭା ମାଝୀ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ତହସିଲଦାର ନବିନ କିଶୋର ପାଢ଼ୀ ପ୍ରମୁଖ ଯୋଗଦେଇ କଳାହାଣ୍ଡି ଉତ୍ସବ 'ଘୁମୁରା' ଦ୍ୱାରା ଅଞ୍ଚଳର କଳା, ସଂସ୍କୃତି ପ୍ରସ୍ଫୁଟିତ ହେବା ସହ ଏହି ମହୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କୁ ବିନ୍ଧିରଖୁଛି ବୋଲି ମତବ୍ୟକ୍ତ କରିଥିଲେ। ଯାଦବ ସଂସ୍କୃତିର ମହାନ ବିଭବ ବନାବାଡି ନୃତ୍ୟ, ମାଦଳି ସହ ବିଭିନ୍ନ ଅନୁଷ୍ଠାନର କଳାକାର ମାନେ ମଞ୍ଚରେ କଳା ପ୍ରଦର୍ଶନ କରିଥିଲେ। ଉତ୍ସବ କମିଟି ପକ୍ଷରୁ ସ୍ୱତନ୍ତ୍ର ଭାବେ ଷ୍ଟଲ କରିଥିବାବେଳେ କୃଷି ବିଭାଗ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ସ୍ୱାସ୍ଥ୍ୟ ବିଭାଗ,



ମିଶନ ଶକ୍ତିର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଛତୁ, ଧୂପକାଠି, ଜୈବିକ ସାର, କୁମ୍ଭକାର ମାନଙ୍କ ମାଟି ତିଆରି ସାମଗ୍ରୀ ଆଦି ପ୍ରଦର୍ଶିତ ହୋଇଛି। ଅଧ୍ୟାପକ ସୁବ୍ରତ କୁମାର ବେହେରା ଅତିଥି ପରିଚୟ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରା, ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିରଞ୍ଚି ଖର୍ସେଲ ସମେତ ଉତ୍ସବ କମିଟିର କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ତଥା ସାଂସ୍କୃତିକ ସନ୍ଧ୍ୟାରେ ତହସିଲଦାର ନବିନ କିଶୋର ପାଢ଼ୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ମୁଖ୍ୟବକ୍ତା ବେହେରା କଲେଜ ଅଧକ୍ଷ ନିର୍ମଳ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗ, ବିଡ଼ିଓ ସେହ୍ନପ୍ରଭା ମାଝୀ, ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ପ୍ରମୁଖ ମଞ୍ଚାସୀନ ହେଇଥିଲେ। ଏହି କ୍ରମରେ କୋକସରା ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ସ୍ୱର୍ଗତ ଯୁଗଲ କିଶୋର ସିଂଙ୍କ ପରିବାର ଲୋକଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପୂର୍ବତନ ବ୍ଲକ ଅଧକ୍ଷ ଗଣେଶ ରାମ ନାଏକ, ବିମ୍ବାଧର ପଣ୍ଡା, ସୁବାଷ ପଣ୍ଡା, ଜନାର୍ଦ୍ଦନ ପଣ୍ଡା, କିଶୋର ଚନ୍ଦ୍ର ନାଏକ, ପୂର୍ବତନ ଅଧକ୍ଷା ଦୌପଦୀ ମାଝୀ, ତପସ୍ୱିନୀ ପ୍ରଧାନୀ, ରାଜଶ୍ରୀ ପ୍ରଧାନୀ, ସଭ୍ୟାରାଣୀ ବାଗ ପ୍ରମୁଖଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କଳାହାଣ୍ଡିର ଲୋକନୃତ୍ୟ ଘୁମୁରା, ଡ୍ରୀମ୍ସ୍ ଡ୍ୟାନ୍ସ ଗୃପ କଟକ, ନାଟ୍ୟଶ୍ରୀ ଡ୍ୟାନ୍ସ ଗୃପ ଜଟଣୀ, ମାଡିଆ ଲୋକନୃତ୍ୟ ଜଗଦଲପୁର, ସାଗର ଡ୍ୟାନ୍ସ ଗୃପ କୋଟପାଡ଼, ତାନିଆ ଓ ଡ୍ୟାନ୍ସ ଗୃପ କଲିକତା, କଳା ବିକାଶ କେନ୍ଦ୍ର ଜୁନାଗଡ଼, ବିକେଏସଏସରେ ପଞ୍ଜିକୃତ ବିଭିନ୍ନ ଲୋକନୃତ୍ୟ ପରିବେଷଣ ହୋଇଥିଲା। ମଞ୍ଚ ଉପସ୍ଥାପନ ଅଧ୍ୟାପକ ମୋହନ ଚରଣ ବିଷି ଓ ସୁବ୍ରତ କୁମାର ବେହେରା କରିଥିବାବେଳେ ସାଂସ୍କୃତିକ ମଞ୍ଚକୁ କୋକସରା ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ, ଶିକ୍ଷକ କ୍ଷୀରସିନ୍ଧୁ ବାଣୁଆ, ସୁଭଶ୍ରୀ ଚୌଧୁରୀ, ପଙ୍କଜ ମୁଖ ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ।

# ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ୍ ପକ୍ଷରୁ ଆନ୍ଦୋଳନ

**ବଲାଙ୍ଗିର, ୧୦।୧(ସମିସ) :** ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ଶାଖାର ୩ ଦିନ ବ୍ୟାପୀ ଭୁକ୍ ହରତାଳ ସ୍ଥାନୀୟ ନୋଡାଲ ଅଧିକାରୀ ସହକାରୀ ଯନ୍ତ୍ରୀ ବଲାଙ୍ଗିରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହିଂସା ନୀତି ଅନୁସାରେ ଶୃଙ୍ଖଳା ସହ ହୋଇଯାଇଅଛି। ତିନିଦିନ ବ୍ୟାପି କାର୍ଯ୍ୟକର୍ତ୍ତାମାନେ କେନ୍ଦ୍ର କର୍ମଚାରୀମାନେ ପୁରୁଣା ପେନସନ (ଓପିଏସ୍) ଫେରି ପାଇବା ପାଇଁ ଅଲ୍ ଇଣ୍ଡିଆ ମେନ୍ସ୍ ଫେଡେରେସନ ନୂଆଦିଲ୍ଲୀ ଓ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ସଂଗଠନ ଭୁବନେଶ୍ୱରର ଡାକରାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବଲାଙ୍ଗିର ଶାଖାର ସଭାପତି କମ୍ରେଡ ମଧୁ ସାହୁଙ୍କ ସଭାପତିତ୍ୱରେ କେନ୍ଦ୍ରୀୟ ୟୁନିୟନ ପଦାଧିକାରୀ ସନ୍ତୋଷ କୁମାର ମିଶ୍ର, ଏଜିଏସ୍, ସମ୍ପାଦକ ମହେଶ୍ୱର ନାଏକ, ଉପ-ସଭାପତି ଲବ ସ୍ୱାଇଁ, କୋଷାଧ୍ୟକ୍ଷ ହରିବନ୍ଧୁ ହାତୀ, ସାଂଗଠନିକ ସମ୍ପାଦକ ଉତ୍କଳ କୁମାର ସାହୁ ଓ ଏ ସୂର୍ଯ୍ୟପ୍ରକାଶ ରାଓ, ଉଜ୍ଜଳ ସାହୁ, ରାଜୁ ମହାନନ୍ଦ, ସରୋଜ କୁମାର ରଣା, ଯୁବ ସଂଯୋଜକ ଚୈତନ୍ୟ କୁମାର ସା, ମନତୋଷ ଭଟ୍ଟ, ବିଜୟ ମାଝି ଓ ସାଥୀ, ମହିଳା ସଂଯୋଜକ ମୀନାକ୍ଷୀ ସାଗର, ସହକାରୀ ସମ୍ପାଦକ ରାଣାପ୍ରତାପ କୁମାର ଆଦି ସରକାରଙ୍କ ନୂତନ ପେନସନର ଅପକାରିତା ଓ ଭବିଷ୍ୟତ ପରିଣାମ ଉପରେ ମତାମତ ଉପସ୍ଥାପନ କରିଥିଲେ। ତିନି ଦିନ ବ୍ୟାପି ଅନୁଷ୍ଠିତ ବିକ୍ଷୋଭ ସଭାରେ ବଡମାଲ, ସିକେର, ସଇଁତଲା, ଦେଓଗାଁ, ଲୋଇସିଂହା, ଖଲିଆପାଲି, ବରପାଲି, ଡୁଙ୍ଗୁରିପାଲି, ବଲାଙ୍ଗିର ଷ୍ଟେସନର ଶତାଧିକ ରେଳ କର୍ମଚାରୀ ଉକ୍ତ ଭୁକ୍ ହରତାଳରେ ସାମିଲ ହୋଇଥିଲେ। ରେଳମନ୍ତ୍ରୀଙ୍କୁ ସ୍ଥାନୀୟ ନୋଡାଲ ଅଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## '୫-ଟି' ଅଧ୍ୟକ୍ଷଙ୍କ କଣ୍ଟାବାଞ୍ଜି ଗସ୍ତ ଆଜି

# ଯୁବ ବିଜେଡି ପକ୍ଷରୁ ସଚେତନତା ଶୋଭାଯାତ୍ରା



**କଣ୍ଟାବାଞ୍ଜି/ତୁରେକେଲା, ୧୦।୧(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଗସ୍ତରେ ଗୁରୁବାର '୫-ଟି' ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆସୁଛନ୍ତି। ଶ୍ରୀ ପାଣ୍ଡିଆନଙ୍କ ଗସ୍ତକୁ ସଫଳ କରିବା ପାଇଁ କଣ୍ଟାବାଞ୍ଜି ଏନଏସି ବିଜୁ ଯୁବ ଜନତା ଦଳର କାର୍ଯ୍ୟକର୍ତ୍ତାମାନେ ଏକ ବାଇକ ଶୋଭାଯାତ୍ରାରେ ପଡ଼ା ପଡ଼ା ବୁଲି ବହୁସଂଖ୍ୟାରେ ଜନସାଧାରଣ ଯୋଗଦେବାକୁ ନିବେଦନ କରିବା ସହ ନିଜ ନିଜର ଆପତ୍ତି ଅଭିଯୋଗ ଜଣାଇବାକୁ ସହରବାସୀଙ୍କୁ ସଚେତନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ଶୋଭାଯାତ୍ରାରେ ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଶାନ୍ତନୁ ବିଭାର, ଯୁବ ବିଜେଡି ନଗର ସଭାପତି ବିଶାଳ ବେହେରା, ବରିଷ୍ଠ ବିଜେଡି ନେତା ପ୍ରମୋଦ କର, ବିଷ୍ଣୁ ବେହେରା, ମନୋରଞ୍ଜନ ବିଭାର, ଆଦିବାସୀ ଯୁବନେତା ପୁରୁଷୋତ୍ତମ କୁଅର, ମହେନ୍ଦ୍ର ମାଝୀ, ଏକାମ୍ର ରଣା, ପଲାସ୍ତ ମଲ୍ଲିକ, ସୁନା ବଏ, ଡୋଲାମଣି ବେହେରା, ଇଲୁ ନାଗ, ହରେରାମ ଦାସ, କମଲ ପନିକା, ଲିପିକାନ୍ତ ବାଗ ଯାଦବ, ପିଣ୍ଟୁ କେତକୀ, ମୁକେଶ ବାଗ ଯାଦବ, ପହଲ୍ଲାଦ ତାଣ୍ଡି, ଚନ୍ଦନ ବେହେରା, ସୁରେଶ ତାଣ୍ଡିଙ୍କ ସମେତ ବହୁ ବିଜେଡ଼ି କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଲୋକନାଥ ମନ୍ଦିର ଉନ୍ନତିକରଣକୁ ଅଣଦେଖା

## '୫-ଟି' ଅଧ୍ୟକ୍ଷଙ୍କୁ ଭେଟିବେ ଦେବାଳୟ ସୁରକ୍ଷା କମିଟି

**ବଲାଙ୍ଗିର, ୧୦।୧(ସମିସ) :** ବଲାଙ୍ଗିର ସହରର ସମ୍ବଲପୁର ରୋଡସ୍ଥିତ ପୁରାତନ ଲୋକନାଥ ମନ୍ଦିର ଏବେ ବିପଦମୁଖରେ। ଏହି ମନ୍ଦିର ସ୍ୱତନ୍ତ୍ର ଯୋଜନାରେ ବାଦ ପଡ଼ିଛି। ଗର୍ଭଗୃହ ଫାଟ ସୃଷ୍ଟି ହେବାରୁ ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦେବାକୁ ଦେବାଳୟ ସୁରକ୍ଷା କମିଟି ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଥିଲା। ଏହି ମନ୍ଦିର ପାଟଣା ଶାସନ ସମୟର ମୂକସାକ୍ଷୀ ଥିବା ବେଳେ ତା୧୮।୧୯୧୯ ରେ ମହାରାଜ ପୃଥ୍ୱୀରାଜ ସିଂହଦେଓ ପାଟରାଣୀ କିଶୋରୀ ମହାରାଣୀଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ମନ୍ଦିର ଏବେ ଭୁଷୁଡି ପଡ଼ିବା ଅପେକ୍ଷାରେ ରହିଲାଣି। ୨୪୦ ଡିସମିଲ ଏରିଆରେ ତତ୍କାଳୀନ ପାଟଣା ମହାରାଜ ଏହାକୁ ଦେବୋତ୍ତର ଅଧିନରେ ଥିବାବେଳେ ମାଁ ଭୈରବୀ ମନ୍ଦିର ମଧ୍ୟ ଏବେ ବିପଦମୁଖରେ ଅଛି। ରୋଷେଇଶାଳା, ଭୋଗ ମଣ୍ଡପ, ସେବାୟତଙ୍କ ବାସଗୃହ, ପାଣିବ୍ୟବସ୍ଥା ଓ ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ବର୍ଷା ମାସରେ ଡ୍ରେନ ବ୍ୟବସ୍ଥା ନ ଥିବାରୁ ମନ୍ଦିର ଭିତରକୁ ନାଳପାଣି ପ୍ରବେଶ କରୁଥିବା ବେଳେ ମନ୍ଦିରର ଗର୍ଭଗୃହରେ ଫାଟସୃଷ୍ଟି ହୋଇ ଫାଟ ସୃଷ୍ଟି ହୋଇ ବିପଦମୁଖ ଅବସ୍ଥାରେ। ମନ୍ଦିରକୁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରାଯାଉ ବୋଲି ବୁଧବାର ଦେବାଳୟ ସୁରକ୍ଷା କମିଟିର ଏକ ବୈଠକ ବସିଥିଲା। ମନୋରଞ୍ଜନ ପୁରୋହିତଙ୍କ ଆହ୍ୱାନ କ୍ରମେ ମନ୍ଦିରର ପୂଜକ କାଳିଆ ଥେନାପତି ମନ୍ଦିରର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ। ଦେବାଳୟ ସୁରକ୍ଷା କମିଟି ଗୁରୁବାର ୫-ଟି ଅଧ୍ୟକ୍ଷ ବଲାଙ୍ଗିର ଗସ୍ତରେ ଆସୁଥିବା ବେଳେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ମଧୁସୂଦନ ନାଏକ, ନରେନ୍ଦ୍ର କବାଟ, ଅରୁଣ କୁମାର ମିଶ୍ର, ଶମ୍ଭୁ ଶତପଥି, ପ୍ରଶାନ୍ତ ମହାକୁର ଉପସ୍ଥିତ ଥିଲେ।



## ■ ବେଦାନ୍ତ ରେଳପଥ ସମ୍ପ୍ରସାରଣ ପ୍ରସଙ୍ଗ

# ଜମି ଅଧିଗ୍ରହଣକୁ ନେଇ ଉତ୍ତେଜନା

**ଭବାନୀପାଟଣା, ୧୦।୧ (ସମିସ) :** ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ କମ୍ପାନୀର ପ୍ରସ୍ତାବିତ ରେଳପଥ ସମ୍ପ୍ରସାରଣ ସମୟରେ ଉତ୍ତେଜନା ଦେଖାଦେଇଥିଲା। ଉକ୍ତ ଜମି ଇଡ଼କୋ ହୋଇଥିବା ବେଳେ କିଛି ସ୍ଥାନୀୟ ଅଧିବାସୀ ସେଠାରେ ସେହି ସବୁ ଜାଗା ନିଜ କବ୍‌ଜାରେ ରଖିଥିବା ଜଣାଯାଇଛି। ୨୦୦୬ ମସିହାରୁ ଏହି ଜମି ବିବାଦ ଓ ବିସ୍ଥାପିତ ସମସ୍ୟା ଲାଗିରହିଛି। ଥଇଥାନ ନାଁରେ ବେଦାନ୍ତ କମ୍ପାନୀ କି ପ୍ରକାର



ବ୍ୟବସ୍ଥା କରିଛି ତାହା ଭିନ୍ନ କଥା। ଏବେ ରେଳପଥ ସମ୍ପ୍ରସାରଣ ପାଇଁ ଇଡ଼କୋର ଯେଉଁ ଜମି ଡିମାରକେସନ କରାଯାଇଛି ତାହା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ହୋଇଛି। ପୂର୍ବରୁ ଏହି ଭଳି ୩ ଥର ଡିମାରକେସନ ପାଇଁ ତତ୍କାଳୀନ ତହସିଲଦାରମାନେ ଚେଷ୍ଟା କରିଥିଲେ। କିନ୍ତୁ ଆଜି ତାହା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଏହି ଡିମାରକେସନ ପାଇଁ ୫୦ଜଣଙ୍କ ଘର ଭଙ୍ଗାଯାଇଛି ବୋଲି ଅଭିଯୋଗ କରାଯାଇଛି। ବେଦାନ୍ତ କମ୍ପାନୀ ଅକ୍ତିଆରରେ ଥିବା ସମସ୍ତ ଅଞ୍ଚଳକୁ ପୂର୍ବରୁ ପାଚେରୀ ନିର୍ମାଣ କରିଥିଲେ ବାରମ୍ବାର ଏଭଳି ପରିସ୍ଥିତି ଉପୁଜିନଥାନ୍ତା। ଏଥିପୂର୍ବରୁ ଜିଲ୍ଲାପାଳଙ୍କ କୋର୍ଟ ଠାରୁ ଆରମ୍ଭକରି ହାଇକୋର୍ଟ ପର୍ଯ୍ୟନ୍ତ କଥା ଯାଇସାରିଛି। ଲୋକଙ୍କ ଦୁଃଖ ଏହିକି ଯେ ଦୀର୍ଘବର୍ଷ ଧରି ବେଦାନ୍ତ କମ୍ପାନୀ ଲାଞ୍ଜିଗଡ଼ ଠାରେ ପ୍ରତିଷ୍ଠା ହୋଇଥିଲେ ହେଁ ସ୍ଥାନୀୟ ଅଞ୍ଚଳର ସାମଗ୍ରୀକ ବିକାଶପ୍ରତି ଯଥାସମ୍ଭବ ଧ୍ୟାନ ଦେଇନାହିଁ। ଲାଞ୍ଜିଗଡ଼ ବେଦାନ୍ତ କମ୍ପାନୀ ପାରିପାର୍ଶିକ ଅଞ୍ଚଳ ଭାବେ ଥିବା ଚମ୍ପାଦେଇପୁର, ଯୋଡ଼ାବନ୍ଧ, ନଙ୍ଗଳ ବେଡା, ଗୋପୀନାଥପୁର, ବିଲଟି ପଦର, ହରେକୃଷ୍ଣପୁର, ପ୍ରଭୃତି ଅଞ୍ଚଳରୁ ଶହ ଶହ ଏକର ଜମି ବେଦାନ୍ତ ନେଇଥିଲେ ସୁଦ୍ଧା ସେମିତି କିଛି ବିସ୍ଥାପିତଙ୍କ କ୍ଷେତ୍ରରେ ସୁବିଧା ଯୋଗାଇ ଦିଆଯାଇନାହିଁ। ଆଜି ପତ୍ରପଡ଼ା ଠାରୁ ନଙ୍ଗଳ ବେଡା ପର୍ଯ୍ୟନ୍ତ ରେଳଲାଇନ ସମ୍ପ୍ରସାରଣ ରେ ଜମି ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲା। ଅଧିକ ପୁଲିସ ମୁତୟନ କରି ଲାଞ୍ଜିଗଡ଼ ତହସିଲଦାର ଘଟଣାସ୍ଥଳରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରାଇ ନେଇଥିଲେ। ତେବେ ଯେଉଁମାନଙ୍କ ଘର ଭାଙ୍ଗିଛି ସେହି ପରିବାର ଗୁଡିକୁ କିଭଳି କମ୍ପାନୀ ବିରୋଧରୁ ମୁକ୍ତ ରହିବାକୁ ଚେଷ୍ଟା କରିବ ତାହା ଦେଖିବାକୁ ରହିଲା।

# ବଲାଙ୍ଗିରରେ ନଗର କଂଗ୍ରେସର କର୍ମୀ ସମ୍ମିଳନୀ

**ବଲାଙ୍ଗିର, ୧୦।୧(ସମିସ):** ବଲାଙ୍ଗିର ଟାଉନ କଂଗ୍ରେସ କମିଟି ତରଫରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀରେ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସମରେନ୍ଦ୍ର ମିଶ୍ରଙ୍କ ନେତୃତ୍ୱ ପ୍ରତି ଉପସ୍ଥିତ ନେତୃବୃନ୍ଦ ଓ କର୍ମୀ ଆସ୍ଥା ପ୍ରକଟ କରିଥିଲେ। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସଦସ୍ୟ ସମରେନ୍ଦ୍ର ମିଶ୍ର କଂଗ୍ରେସ କର୍ମୀମାନେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। କଂଗ୍ରେସ ବିଧାୟକ ଦଳ ନେତା ତଥା ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ଏ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନର ବିକାଶ ଦିଗରେ ଆନ୍ତରିକତାର ଘୋର ଅଭାବ ଅଛି ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଦିଲୀପ ବେହେରା, ମହିଳା ସଭାନେତ୍ରୀ ମିଳନୀ ସାହୁ, ଛାତ୍ର ସଭାପତି ଅଙ୍କିତ ସାହୁ, ଜିଲ୍ଲା ଉପ-ସଭାପତି ସନ୍ତକ ବହିଦାର, କିଶାନ ସେଲ ସଭାପତି ସାନନ୍ଦ ମିଶ୍ର, ମୁଖପାତ୍ର ଅଜୟ ବାଲି, କାଉନସିଲର ଅରବିନ୍ଦ ପରୁଆ, ଜ୍ୟୋତିବାବୁ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ କାଉସିଲର ପ୍ରଦୀପ ମିଶ୍ର, ଯୁବ ସଭାପତି ନାସୀର ଖାନ, ସେବାଦଳ ମୁଖ୍ୟ ଅସୀତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

## ମା' କଟାହାରି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ମରୁଆ ଚାମ୍ପିଅନ ଓ କପସିପାଲି ରନର୍ସଅପ୍

**ଖପ୍ରାଖୋଲ, ୧୦।୧(ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ କଟାପାଲି ଗାଁରେ ମାଁ କଟାହାରି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ମରୁଆ ଓ କପସିପାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ କପସିପାଲିକୁ ହରାଇ ମରୁଆ ଦଳ ଚାମ୍ପିଅନ ହୋଇଥିଲେ। ଏହି ଅବସରରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ସମ୍ମାନିତ ଅତିଥି ରୂପେ ଟଙ୍ଗରିଆ ସରପଞ୍ଚ ସୁଶିଲ ଗୁରୁ, କର୍ଣ୍ଣସିଂ ଠାକୁର, ସରୋଜ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ଖେଳର ଧାରା ବିବରଣୀ ଜୟନ୍ତ କଠାର ପ୍ରଦାନ କରିଥିବା ବେଳେ ଲମ୍ବୋଦର ପୁଟେଲ, ପ୍ରକାଶ ପୁଟେଲ, ଦାମ ଅଦାବର, ଗୌତମ କଠାର, ଋଷବ ପୁଟେଲ, ଗୌରବ କଠାର, ସୁଶାନ୍ତ କଠାର, ଦେବାଶିଷ ହଂସ, ଟିଂକୁ ହଂସ, ମୁକେଶ କଠାର, ତ୍ରିଲୋଚନ ବରିହା, ସଦାନନ୍ଦ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ସରିଲା ସୁବର୍ଣ୍ଣ ଲୋକ ମହୋତ୍ସବ

# ପ୍ରାଚୀନ କଳାର ସଂରକ୍ଷଣ ହେଉ: ସବ୍ୟସାଚୀ

**ସୋନପୁର, ୧୦।୧ (ସମିସ):** ନାଚଗୀତର ଧୁମ୍ ମଧ୍ୟରେ ସରିଛି ପାଞ୍ଚ ଦିନିଆ ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୪। ବୁଧବାର ଶେଷ ସନ୍ଧ୍ୟାରେ ଆକର୍ଷଣୀୟ ନାଚ ଗୀତରେ ଦର୍ଶକ ଉତଫୁଲ୍ଲିତ ହୋଇ ଯାଇଥିଲେ। ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମର ଫକୀର ପଟ୍ଟନାୟକ ଖୋଲା ମଞ୍ଚରେ ଚାଲିଥିବା ସୁବର୍ଣ୍ଣ ଲୋକ ମହୋତ୍ସବର ଶେଷ ସନ୍ଧ୍ୟାରେ ଖୁବ୍ ଜମିଥିଲା ପାରମ୍ପରିକ ନୃତ୍ୟ ଗୀତ। ପୁରୀର ସାହି ଜାତ, ବିନିକାର ଲୋକ ନୃତ୍ୟ, ସୋନପୁର ଟ୍ରେଣ୍ଡିର ସମ୍ବଲପୁରୀ ନୃତ୍ୟ, ସଙ୍ଗୀତ ସାଧନା ଲୁଇସିଂହା, ବରଗଡ଼ କଳାଜୀବୀ, ବୌଦ୍ଧ, ନୂଆପଡ଼ା ଆଦି ଜିଲ୍ଲାର ଲୋକନୃତ୍ୟରେ ଦର୍ଶକ ଝୁମି ଯାଇଥିଲେ। ଉମେଶ କୁମାର ଏବଂ ସାଥିଙ୍କ ଆବହନୀ ସଙ୍ଗୀତରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମାନଭଞ୍ଜନ ମିଶ୍ର, ପ୍ରଦ୍ୟୁମ୍ନ ସାହୁ, ଚୌଧୁରୀ ବିଭାର, ଅବିନାଶ ହୋତା, ଦେବାଶିଷ ପଟ୍ଟନାୟକ, ରୁବି ବେହେରା, ତନିଶା ଅଗ୍ରୱାଲ, ଅମୃତ ପଣ୍ଡା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାର ବିଭିନ୍ନ କଳାକାରଙ୍କ ସମେତ ବିଭିନ୍ନ ଜିଲ୍ଲାରୁ ଆସିଥିବା ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ। ସମ୍ବଲପୁରୀ ନାଚ ସହ ଢୋଲ ନିସାଣ ବାଦ୍ୟରେ ଦୁଲୁକି ଉଠିଥିଲା ରାମେଶ୍ୱର ଷ୍ଟାଡିୟମ। ତେବେ ଏହି ଅବସରରେ ସୋନପୁର ଜିଲ୍ଲାପାଳଙ୍କ ପତ୍ନୀ ଦୀପ୍ତିମୟୀ ରାୟ ଗାଇଥିବା ଗୀତ ଉତ୍ସବକୁ ଅଧିକ ରସସିକ୍ତ କରିଥିଲା। ଏଡିଏମ ସୂର୍ଯ୍ୟ ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ମୁଖ୍ୟ ଅତିଥି ଭାବେ




ଯୋଗଦେଇ ଥିଲେ। ଗଞ୍ଜପା ଭଳି ଜିଲ୍ଲାର ପୁରାତନ କଳାକୁ ସଂରକ୍ଷିତ ପାଇଁ ଉଦ୍ୟମ ହେଉ ବୋଲି ସେ କହିଥିଲେ। ଏହି ଅବସରରେ ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଏସପି ଅମରେଶ ପଣ୍ଡା ମଧ୍ୟ ଅତିଥି ଭାବେ ଯୋଗଦେଇ ଥିଲେ।

# ମଠଖାଇ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

**ବଲାଙ୍ଗିର, ୧୦।୧(ସମିସ)**

ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡ଼ିଆରେ ସର୍ବଭାରତୀୟ ନାଟ୍ୟ ମହୋତ୍ସବ ମଠଖାଇ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଆୟୋଜିତ ହୋଇଛି। ଏହି ଅବସରରେ ସ୍ଥାନୀୟ ବିଇଡି କଲେଜ ପରିସରରେ ଏକ ଆଲୋଚନାଚକ୍ର କରାଯାଇଥିଲା। ସ୍କୁଲ ଛାତ୍ରଛାତ୍ରୀଙ୍କୁ 'ନାଟ୍ ଲାଗି କେନ୍ତଇ ମନେଇ ପାରମା' ଶୀର୍ଷକରେ ବରିଷ୍ଠ ସମ୍ବାଦିକ ତଥା ସ୍ତମ୍ଭକାର ରୁବେନ ବାନାର୍ଜୀ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଜିତେନ୍ଦ୍ରୀୟ ତ୍ରିପାଠୀ ଆଲୋଚନା କରିଥିଲେ। ଏହି ଆଲେଚନାଚକ୍ରକୁ ବିଇଡି କଲେଜ ଅଧ୍ୟକ୍ଷ ଅନନ୍ତ କୁମାର ନାଏକ ଅଧ୍ୟକ୍ଷତା କରିଥିଲେ। ସନ୍ଧ୍ୟାରେ ବଲାଙ୍ଗିରର ସାଇ ସ୍ୱର୍ଣ୍ଣକଳା ପରିଷଦ ଓ ଖୋର୍ଦ୍ଧାର ମା' ଜଗତଜନନୀ ପାଇକ ଆଖଡାର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେପରେ ସାଂସ୍କୃତିକ ସଭାର ଆୟୋଜନ ହୋଇଥିଲା। ନାଟ୍ୟଜୀବୀ ତଥା ନିର୍ଦ୍ଦେଶକ ପଦ୍ମନାଭ ମିଶ୍ରଙ୍କ ଉଦ୍ଦେଶ୍ୟରେ ମଞ୍ଚ ସମର୍ପଣ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ରୁପେଶ ବାନାର୍ଜୀ, ମ୍ୟୁନିସିପାଲଟି ଅଧିକାରୀ ବିଶ୍ୱମ୍ବର ମିଶ୍ର ଓ ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମଞ୍ଚାସୀନ ଥିଲେ। ଭିନ୍ନକ୍ଷମ କ୍ରୀଡାବିତ ବୈଷ୍ଣବ ରାଜପଲିଆଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରଯାଇଥିଲା। ସଭାକୁ ବିରେନ୍ଦ୍ର ବଞ୍ଜୋର ସଭାପତିତ୍ୱ କରିଥିବାବେଳେ ଶଶିଭୂଷଣ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୋସଲୀ ନାଟକ 'ଝରକା' ପ୍ରଦର୍ଶିତ ହୋଇଥିଲା।

## ଦେଖାଲା 'ଝରକା'

# 'କାହାକେ ଆଙ୍ଗଠି ଦେଖାବାର୍ ଆଘୋନୁ ନିଜର୍ ଆଡେ ଥିବାର୍ ତିନ୍‌ଟା ଆଙ୍ଗଠି'

ଆଜିର୍ ଯୁଗେ ମୁନୁଷ୍ ସବ୍ ଜାନତା ହେଇଯଉଛେ। ଝନକେ ଦୂରିଆ ନୁ ଦେଖିକରି ତାର୍ ବାବଦ୍ ଥି କିଛି ନେଇଁ ଯାନିକରି ବି ମତାମତ ଦେଉଛେ। ଯେନ୍ ଥିର୍ ଲାଗି ସେ ଲୁକର୍ କିଛି ଭୁଲ୍ ନେଇଁଥାଇ କରିବି ବିନା କାରଣ୍ ନେ ମାନସିକ୍ ସ୍ତରନେ ନିର୍ଯାତିତ୍ ହେଇକରି ନିନ୍ଦା ଅପମାନ ସହୁଛେ। ହେଲେ ପରେ ଯେତେବେଳେ ସତ୍ୟାସତ୍ୟ ଜନାପଡୁଛେ ଅପପ୍ରଚାର କରିଥିବାର୍ ଲୋକ୍ ଲାଜ ପାଉଛେ। ହେଲେ ଲାଭଟା କାଣା ହେଉଛେ? ସେଥିର୍ ଲାଗି ଅନ୍ୟ ଲୋକର୍ ଉପରେ ମତାମତ ଦେବାର୍ ଆଘୋନୁ ସତ୍ୟାସତ ଜାନବାର୍ ଟା ଜରୁରୀ ଆଏ। କାଏଁଯେ କି ଜଣେକେ ଆମେ ଯଦି ଗୁଟେ ଆଙ୍ଗଠି ଦେଖାମା ବେଲେ ତିନଟା ଆଙ୍ଗଠି ଆମର୍ ଆଡେ ହେଉଛେ। କାହାର୍ ଘରର୍ ଝରକା ବାହାରୁ ଝାଙ୍କିକରି ମତାମତ୍ ଦେବାର୍ ଆଘୋନୁ ଆମେ ଭୁଲି ଯାଉଛୁଁ ଯେ ଆମର୍ ଘରର୍ ବି ଝରକା ଅଛେ। ହେତିର୍ ଲାଗି କହେସନ୍ ଯାହା ନ ଦେଖିବୁ ବେନି ନୟନେ, ପରତେ ନଯିବ ଗୁରୁ ବଚନେ। ଏନ୍ତା ଗୁଟେ ମହତ ଉଦ୍ଦେଶ୍



ଥି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ର୍ କାରୁଣ୍ଡ କଳାମଞ୍ଚର କଳାକାରମାନେ ପରଷି ଦେଇଥିଲେ କୋସଲୀ ସମ୍ବଲପୁରୀ ନାଟକ 'ଝରକା'। ଇତାର୍ ଲେଖା ଆର୍ ନିର୍ଦ୍ଦେଶନା ନାଟ୍ୟଭୂଷଣ ପ୍ରଦୀପ ଡି ମାଝୀ ଦେଇଥିଲେ।

